# ଈଶ୍ୱରଙ୍କ ଅତୁଳନୀୟ
# ପ୍ରେମର ପରିପ୍ରକାଶ

## ଆପଣଙ୍କ ନିମନ୍ତେ
## ଈଶ୍ୱରଙ୍କ ପ୍ରେମର ପ୍ରତ୍ୟାଦେଶ


ଜୟେସ୍ ମେୟର

*#1 NEW YORK TIMES* BEST SELLING AUTHOR

# ଈଶ୍ୱରଙ୍କ ଅତୁଳନୀୟ ପ୍ରେମର ପରିପ୍ରକାଶ

## ଜୟେସ୍ ମେୟର

JOYCE MEYER
MINISTRIES

Nanakramguda, Hyderabad - 500 008

ଈଶ୍ୱରଙ୍କ ଅତୁଳନୀୟ ପ୍ରେମର ପରିପ୍ରକାଶ
Tell Them I Love Them - *Oriya*

First Print 2011

Printed at:
Caxton Offset Pvt. Ltd.
Hyderabad-500 004

# ସୂଚୀପତ୍ର


| | | |
|---|---|---|
| | *ଭୂମିକା* | 5 |
| ୧. | ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ! | 7 |
| ୨. | ମୋର ଉତ୍ତମତା ଯଥେଷ୍ଟ କି ? | 13 |
| ୩. | ପ୍ରେମ ଏକ ସଂପର୍କ | 21 |
| ୪. | ପ୍ରେମ, ଭରସା ଓ ବିଶ୍ୱାସ | 27 |
| ୫. | ଭୟରୁ ମୁକ୍ତି | 33 |
| ୬. | ପ୍ରେମ ମର୍ମସ୍ପର୍ଶୀ | 39 |
| ୭. | ଈଶ୍ୱରଙ୍କ ପ୍ରେମ ଆପଣଙ୍କୁ ପରିବର୍ତ୍ତିତ କରିଦେବ | 47 |

# ଭୂମିକା

ଅନ୍ୟାନ୍ୟ ଯେ କୌଣସି ବିଷୟ ଅପେକ୍ଷା ବ୍ୟକ୍ତିଗତ ଭାବେ ଈଶ୍ୱରଙ୍କ ପ୍ରେମର ପ୍ରକାଶ ହିଁ ଲୋକମାନଙ୍କର ଆବଶ୍ୟକ ବୋଲି ମୁଁ ବିଶ୍ୱାସ କରେ। ଏକ ବିଜୟୀ ଖ୍ରୀଷ୍ଟିୟ ଜୀବନ ଯାପନ ପାଇଁ ଏହା ଏକ ମୂଳଦୁଆ ବୋଲି ମୁଁ ବିଶ୍ୱାସ କରେ । ଈଶ୍ୱରଙ୍କ ପ୍ରେମ ଉପଲବ୍ଧି କରିବା ପାଇଁ ମସ୍ତିଷ୍କଗତ ଜ୍ଞାନର ଆବଶ୍ୟକତା ନାହିଁ ମାତ୍ର ଆତ୍ମମାନଙ୍କ ନିକଟରେ ଏହାର ଏକ ପ୍ରକାଶନର ଆବଶ୍ୟକତା ରହିଛି । କେବଳ ପବିତ୍ର ଆତ୍ମା ଏହା ଦାନ କରିପାରନ୍ତି ଏବଂ ପ୍ରତ୍ୟେକ ବିଶ୍ୱାସୀ ଯେତେବେଳେ ଈଶ୍ୱରଙ୍କ ପ୍ରେମ ବିଷୟ ଧ୍ୟାନ କରନ୍ତି, ନିଜ ଜୀବନରେ ଈଶ୍ୱରଙ୍କ ପ୍ରେମ ପାଳନ କରନ୍ତି ଏବଂ ପ୍ରାର୍ଥନା ଓ ଈଶ୍ୱରଙ୍କ ଲିଖିତ ବାକ୍ୟ ମାଧ୍ୟମରେ ଏହି ପ୍ରକାଶନର ଅନ୍ୱେଷଣ କରନ୍ତି, ସେତେବେଳେ ଏହା ଲାଭ କରିବା ନିମନ୍ତେ ପବିତ୍ର ଆତ୍ମା ବିଶ୍ୱାସୀକୁ ସକ୍ଷମ କରାନ୍ତି।

ସମଗ୍ର ଜଗତକୁ ପ୍ରେମ କରି ତାହାର ଉଦ୍ଧାର ନିମନ୍ତେ ଈଶ୍ୱର ଯୀଶୁଙ୍କୁ ମୃତ୍ୟୁବରଣ କରିବା ନିମନ୍ତେ ଜଗତକୁ ପଠାଇଲେ ଏହା ବିଶ୍ୱାସ କରି ଗ୍ରହଣ କରିବା ହୁଏତ ସହଜ । ମାତ୍ର ଏହା ବିଶ୍ୱାସ କରିବା କଷ୍ଟକର ଯେ ଏହି ପୃଥିବୀ ପୃଷ୍ଠରେ ତୁମେ ଏକାକୀ ମନୁଷ୍ୟ ହୋଇଥିଲେ ମଧ୍ୟ ଈଶ୍ୱର ତୁମକୁ ଏତେ ପ୍ରେମ କରନ୍ତି ଯେ ସେ ତୁମ ପାଇଁ, କେବଳ ତୁମ ପାଇଁ ମୃତ୍ୟୁ ବରଣ କରିବାକୁ ଯୀଶୁଙ୍କୁ ପଠାଇଥାନ୍ତେ ।

ଏକ ହତାଶ ଖ୍ରୀଷ୍ଟିୟାନ ଭାବେ ଜୀବନ ଯାପନ କରି ଅନେକ ବର୍ଷ ପରେ ମୁଁ ଈଶ୍ୱରଙ୍କ ପ୍ରେମ ହୃଦୟଙ୍ଗମ କରିପାରିଲି । ଈଶ୍ୱର ବ୍ୟକ୍ତିଗତ ଭାବେ ମୋତେ ପ୍ରେମ କରନ୍ତି, ଏହି ବିଷୟ କରୁଣାମୟ ଈଶ୍ୱର ପବିତ୍ର ଆତ୍ମାଙ୍କ ଦ୍ୱାରା ମୋ'

ନିକଟରେ ପ୍ରକାଶ କଲେ । ସେହି ଏକମାତ୍ର ପ୍ରକାଶନ ମୋର ସମୁଦାୟ ଜୀବନକୁ ଓ ଈଶ୍ୱରଙ୍କ ସଙ୍ଗେ ମୋର ଦୈନନ୍ଦିନ ଜୀବନର ସଂପର୍କକୁ ପରିବର୍ତ୍ତିତ କରିଦେଲା

ଏହି ବହିର ବିଷୟବସ୍ତୁ ଈଶ୍ୱରଙ୍କ ପ୍ରେମ ବିଷୟରେ ଆପଣଙ୍କୁ ଏକ ନୂତନ ଅନ୍ତଃଦୃଷ୍ଟି ଓ ଜ୍ଞାନ ଦେବ ବୋଲି ମୁଁ ବିଶ୍ୱାସ କରେ । ବ୍ୟକ୍ତିଗତ ଭାବେ ଏହି ପ୍ରକାଶନର ଅନୁଭବ ପାଇବା ନିମନ୍ତେ ଆପଣଙ୍କ ମଧ୍ୟରେ ଏକ ନୂତନ କ୍ଷୁଧା ଜାଗ୍ରତ ହେବ ବୋଲି ମୁଁ ବିଶ୍ୱାସ କରେ । ଏହି ବହିଟି ସୁସ୍ଥିର ଭାବେ ପଢ଼ିବା ପାଇଁ ମୁଁ ଅନୁରୋଧ କରୁଛି ଏବଂ ଏହାକୁ ଏକ ଅଧ୍ୟୟନର ସହଚର ଭାବେ ବ୍ୟବହାର କରିବାକୁ ଓ ପୁସ୍ତକର ପୃଷ୍ଠାଗୁଡ଼ିକରେ ଥିବା ଶାସ୍ତ୍ରାଂଶ ଓ ଚିନ୍ତାସକଳକୁ ଧ୍ୟାନ କରିବାକୁ ମୁଁ ପରାମର୍ଶ ଦେଉଛି ।

ଏହି ପୁସ୍ତକଟି ଅତି ନମ୍ରତାର ସହ ମୁଁ ଆପଣଙ୍କୁ ଅର୍ପଣ କରୁଛି କାରଣ ଈଶ୍ୱରଙ୍କ ବିନା ମୋର କୌଣସି ସତ୍ତା ନାହିଁ ଏବଂ ତାହାଙ୍କ ବାକ୍ୟର ଯାହା କିଛି ଜ୍ଞାନ ଓ ପ୍ରକାଶନ ମୁଁ ପାଇଛି, ତାହା କେବଳ ତାଙ୍କର ମହା କରୁଣାର ଦାନ ।

# 1

## ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି !

"କାରଣ ଈଶ୍ୱର ଜଗତକୁ ଏତେ ପ୍ରେମ କଲେ ଯେ ସେ ନିଜର ଏକମାତ୍ର ପୁତ୍ରଙ୍କୁ ଦାନ କଲେ, ଯେପରି ଯେ କେହି ତାହାଙ୍କଠାରେ ବିଶ୍ୱାସ କରିବ ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ଲାଭ କରିବ ।"

ଯୋହନ ୩:୧୬

ଈଶ୍ୱର ଏକ ପରିବାର ଆବଶ୍ୟକ କରିବାରୁ ଆମ୍ଭମାନଙ୍କୁ ତାଙ୍କର ସନ୍ତାନ କରି ଗଢ଼ିଲେ । ଆମେ ଶିଶୁ ପରି ଆଚରଣ କରୁ, ଏହା ସେ ଚାହାଁନ୍ତି ନାହିଁ ମାତ୍ର ତାଙ୍କର ସନ୍ତାନ ସଦୃଶ୍ୟ ବ୍ୟବହାର କରୁ ବୋଲି ସେ ଇଚ୍ଛା କରନ୍ତି । ଆମେ ଯେପରି ତାଙ୍କ ଉପରେ ନିର୍ଭର ରଖୁ, ଭରସା ରଖୁ, ତାଙ୍କ ଉପରେ ଆଉଜି ପଡୁ, ତାଙ୍କୁ ପ୍ରେମ କରୁ ଓ ସେ ଆମକୁ ପ୍ରେମ କରନ୍ତୁ ବୋଲି ଆନ୍ତରିକ ଭାବେ ଚାହୁଁ, ଏହା ସେ ଇଚ୍ଛା କରନ୍ତି। ଆମର କୌଣସି ଆବଶ୍ୟକତା ସମୟରେ ତାଙ୍କ ଉପରେ ଭରସା କରି ତାଙ୍କର ସାହାଯ୍ୟ ପାଇଁ ହାତ ବଢ଼ାଉ ବୋଲି ସେ ଚାହାଁନ୍ତି । ଆପଣଙ୍କ ସହିତ ଏକ ବ୍ୟକ୍ତିଗତ ସଂପର୍କ ସ୍ଥାପନ କରିବାକୁ ସେ ଚାହାଁନ୍ତି ।

ଆମମାନଙ୍କ ମଧ୍ୟରୁ ଅଧିକାଂଶ ଯୋହନ ୩:୧୬କୁ ଅତି ପ୍ରଶସ୍ଥ ଆକାରରେ ଧରି ନେଇଥାଉ । "ହଁ, ନିଶ୍ଚୟ ମୁଁ ଜାଣେ ଯୀଶୁ ଜଗତ ପାଇଁ ମୃତ୍ୟୁ ବରଣ କଲେ, କିନ୍ତୁ ଏହି ପୃଥିବୀରେ ସାଧାରଣ ଦଳେ ମନୁଷ୍ୟମାନଙ୍କ ପାଇଁ ଯେ ଯୀଶୁ ପ୍ରାଣ ଦେଲେ ତାହା ନୁହେଁ ।" ସେ ଆମ ପ୍ରତ୍ୟେକଙ୍କ ନିମନ୍ତେ ପ୍ରାଣ ଦେଲେ । ସେ ଆପଣଙ୍କ ନିମନ୍ତେ ମଧ୍ୟ ପ୍ରାଣ ଦେଲେ।

ଯଦି ଏହି ଧରାବକ୍ଷରେ ଆପଣ ଏକମାତ୍ର ବ୍ୟକ୍ତି ହୋଇଥା'ନ୍ତେ ତେବେ ସେ କେବଳ ଆପଣଙ୍କ ପାଇଁ ପ୍ରାଣ ଦେଇଥାନ୍ତେ । ଆପଣଙ୍କ ପାଇଁ ସେ ସବୁ ଯନ୍ତ୍ରଣା ମଧ୍ୟ ସହ୍ୟ କରିଥାନ୍ତେ । ସେ ଆପଣଙ୍କ ପାଇଁ ମୃତ୍ୟୁ ବରଣ କଲେ । ଆପଣଙ୍କ ପ୍ରତି ତାଙ୍କ ପ୍ରେମ ଅତୁଳନୀୟ । ସେ ଅନନ୍ତକାଳୀନ ପ୍ରେମରେ ଆପଣଙ୍କୁ ପ୍ରେମ କରନ୍ତି ।

ଥରେ ଗାଡ଼ି ଚଲାଇ ରାସ୍ତାରେ ଯାଉଥିବା ସମୟରେ ଈଶ୍ୱର ମୋ' ସହିତ ଏହିପରି କଥା କହିଲେ, "ଜୟେସ୍, ତୁମେ ମୋ' ଚକ୍ଷୁର ପିତୁଳା ସଦୃଶ ।" ଏହି ଶାସ୍ତ୍ରାଂଶ ଯେ ବାଇବଲରେ ଅଛି ତାହା ମୁଁ ସେତେବେଳେ ଜାଣି ନ ଥିଲି । ସଙ୍ଗେ ସଙ୍ଗେ ଶୟତାନ ଆସି ଏହି ପ୍ରକାର ଚିନ୍ତାଧାରା ମୋ' ମନରେ ଦେଲା, "ଆଚ୍ଛା, ଏହା ଗର୍ବର ଏକ ବିଷୟ ନୁହେଁ କି ? ତମେ ନିଜକୁ କ'ଣ ବୋଲି ଭାବୁଛ କି ?" ଆଉ ମୁଁ ମଧ୍ୟ ଭାବିବାକୁ ଲଗିଲି, "ମୋର ସେପରି ଭାବିବା ଉଚିତ ନୁହେଁ ।" ଆମେ ଯେ ବହୁମୂଲ୍ୟ, ପ୍ରତିଭାବାନ୍ ବା କ୍ଷମତାବାନ୍ ଓ ଅନନ୍ୟ, ଏହା ଉପଲବ୍ଧି କରିବା ଆମର ଶାରୀରିକ ଚିନ୍ତାଧାରାର ବିପରୀତ । ଆମେ ପ୍ରତ୍ୟେକେ ବ୍ୟକ୍ତିଗତ ଭାବେ ଆମ ସ୍ୱର୍ଗସ୍ଥ ପିତାଙ୍କ ଦ୍ୱାରା ସ୍ୱତନ୍ତ୍ର ଓ ଅନନ୍ୟ ଭାବେ ସୃଷ୍ଟ । ଆମ ସ୍ୱର୍ଗସ୍ଥ ପିତାଙ୍କ ଦ୍ୱାରା ଆମେ ପ୍ରତ୍ୟେକେ ବ୍ୟକ୍ତିଗତ ଭାବେ ଏକଆରେକଠାରୁ ସ୍ୱତନ୍ତ୍ର ଓ ଅନନ୍ୟ ଭାବେ ସୃଷ୍ଟ ।

ମୁଁ ଏହିପରି ଭାବିବା ସମୟରେ ମୋର ମାନସପଟରେ ଈଶ୍ୱର ମୋତେ ଏକ ଦୃଶ୍ୟ ଦେଖାଇଲେ । ଏକ ଫଳ ଦୋକାନ ସାମ୍‌ନାରେ ଜଣେ ସ୍ତ୍ରୀଲୋକ ଛିଡ଼ା ହୋଇ ସେଓ ବା ଆପେଲ୍ ବାଛୁଛି ଓ ଅନେକ ଆପେଲ ମଧ୍ୟରୁ ବାଛି ବାଛି ଗୋଟିଏ ଆପେଲ୍ ସେ ଉଠାଉଛି ଯାହାକି ସବୁଠାରୁ ଭଲ । ଈଶ୍ୱର ମୋତେ ଏହି କଥା କହିବାକୁ ଚାହୁଁଥିଲେ ଯେ ତାଙ୍କ ନିକଟରେ ମୁଁ ସବୁଠାରୁ ଭଲ ସେହି ଆପେଲ ସଦୃଶ ।ତାଙ୍କ ପାଖରେ ମୁଁ ବହୁମୂଲ୍ୟ ଓ ଅନନ୍ୟ । ଏହିପରି ଚିନ୍ତା ଠିକ୍ ମନେ ହୋଇ ନ ପାରେ, କିନ୍ତୁ ଦେଖନ୍ତୁ, ଈଶ୍ୱର ଆମ ପ୍ରତ୍ୟେକଙ୍କୁ ଏହି କଥା କହୁଛନ୍ତି ।

ଅନ୍ୟ କେହି ଭଲ ନୁହନ୍ତି କିନ୍ତୁ ଏକମାତ୍ର ଆପଣ ତାଙ୍କର ନିଜର, ଏହିପରି ସେ ଆଦୌ କହୁନାହାନ୍ତି ।ଆମେ ସମସ୍ତେ ବହୁମୂଲ୍ୟ ବୋଲି ସେ କହୁଛନ୍ତି । ଏହା ବାକ୍ୟରେ ଅଛି ଓ ବାକ୍ୟ ଆମ ପ୍ରତ୍ୟେକଙ୍କ ନିମନ୍ତେ । ଆପଣ ଈଶ୍ୱରଙ୍କ ଆଖିର ପିତୁଳା ସଦୃଶ ।

ମୋ' ନିଜ ବିଷୟରେ ଏହିପରି ଭଲ ବିଷୟ ଭାବି ମୁଁ ନିଜକୁ ଦୋଷୀ ମନେକଲି, ତେଣୁ ଈଶ୍ୱର ମୋତେ କ'ଣ କହିବାକୁ ଚାହୁଁଥିଲେ, ତାହା ମୁଁ ଜାଣିପାରିଲି ନାହିଁ । ଦୁଇ ଦିନ ପରେ ମୁଁ ମୋର ବାଇବଲରେ ଗୀତସଂହିତା ୧୭:୮ ପଦ ଖୋଲିଲି ଓ ଏହି ବାକ୍ୟ ମୋତେ ଜଳଜଳ ହୋଇ ଅନାଇ ରହିଥିଲା, "ମୋତେ ତୁମ ନୟନତାରା (ପିତୁଳା) ପରି ରଖ, ତୁମ ପକ୍ଷଛାୟା ତଳେ ମୋତେ ଲୁଚାଅ ।" ମୁଁ ନିଜକୁ କହିଲି, "ଓଃ, ପ୍ରକୃତରେ ଈଶ୍ୱର ହିଁ ମୋ ସହିତ କଥା କହୁଥିଲେ, ମୁଁ ଈଶ୍ୱରଙ୍କ ଚକ୍ଷୁର ପିତୁଳା ବା ନୟନତାରା ।" ଏହି ବିଷୟ ମୁଁ ଯେତେଥର ଭାବେ, ସେତେଥର ମୁଁ ଯେ କେଡ଼େ ବହୁମୂଲ୍ୟ ଓ ଅନନ୍ୟ ଏକଥା ଉପଲବ୍ଧି କରେ ।

ଅନ୍ୟର ପ୍ରେମପାତ୍ର ହେବା ନିମନ୍ତେ ମନୁଷ୍ୟମାନଙ୍କ ହୃଦୟରେ ଏକ ଆକାଂକ୍ଷା, କାମନା ଓ ଅଭିଳାଷ ରହିଥାଏ । ଈଶ୍ୱର ଆମକୁ ସେହିପରି ଭାବେ ସୃଷ୍ଟି କରିଛନ୍ତି। ଅନେକେ ବିଶ୍ୱାସ କରନ୍ତି ଯେ ଈଶ୍ୱର ଜଗତକୁ ପ୍ରେମ କରନ୍ତି ଏବଂ ସେ ଯୀଶୁଙ୍କୁ ପ୍ରେମ କରନ୍ତି ; କିନ୍ତୁ ଈଶ୍ୱର ଯେ ସେମାନଙ୍କୁ ପ୍ରେମ କରନ୍ତି ଏହା ବିଶ୍ୱାସ କରିବା ପାଇଁ ସେମାନଙ୍କୁ କଷ୍ଟ ହୋଇଥାଏ । ତଥାପି ବାକ୍ୟ ଶିକ୍ଷା ଦିଏ, ଈଶ୍ୱର ଯୀଶୁଙ୍କୁ ଯେପରି ପ୍ରେମ କରନ୍ତି, ସେମାନଙ୍କୁ ମଧ୍ୟ ସେହିପରି ପ୍ରେମ କରନ୍ତି । ସେ ଯୀଶୁଙ୍କୁ ଯେପରି ପ୍ରେମ କରନ୍ତି, ଆପଣଙ୍କୁ ମଧ୍ୟ ସେହିପରି ପ୍ରେମ କରନ୍ତି ।

ଯୋହନ ୫:୨୦ ପଦ ବିଷୟ ଚିନ୍ତା କରିବା – "ଯେହେତୁ ପିତା ପୁତ୍ରଙ୍କୁ ସ୍ନେହ ପ୍ରେମ କରନ୍ତି ଏବଂ ସେ ଯାହା କରନ୍ତି, ସେହି ସବୁ ତାଙ୍କ ନିକଟରେ ପ୍ରକାଶ କରନ୍ତି ; ତୁମ୍ଭେମାନେ ଯେପରି ଆଚମ୍ଭିତ ହେବ, ଏଥିପାଇଁ ଏହି ସବୁ ଅପେକ୍ଷା ସେ ଆହୁରି ମହତ୍ ବିଷୟମାନ ତାହାଙ୍କ ନିକଟରେ ପ୍ରକାଶ କରିବେ।"

ଏଠାରେ ଈଶ୍ୱର ଏପରି କହୁଛନ୍ତି, "ଯୀଶୁଙ୍କ ମାଧ୍ୟମରେ ମୁଁ ଏହି ସବୁ ମହତ୍ ବିଷୟମାନ ଏବଂ ଏହାଠାରୁ ଅଧିକ ମହତ୍ ବିଷୟମାନ ସାଧନ କରୁଛି, ଯେପରି ତୁମେମାନେ ଆଚମ୍ୱିତ ହେବ" (ଲେଖିକାଙ୍କ ଦ୍ୱାରା ଭାବ ପ୍ରକାଶ) । କୌଣସି ବିଷୟରେ ଆଚମ୍ୱିତ ହେବା, ଈଶ୍ୱରଙ୍କ କର୍ମ ସକଳ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେବା ଭଲ ବିଷୟ ବୋଲି ଆପଣ ଜାଣନ୍ତି କି? ଶାସ୍ତ୍ରାଂଶରେ ଆମେ ଏ ସବୁ ବିଷୟ ପଢ଼ିଥାଉ ସତ ମାତ୍ର ପ୍ରଭୁ ଆମ ପାଇଁ କ'ଣ କରିବାକୁ ଚାହାଁନ୍ତି, ସେଥିପ୍ରତି ଲକ୍ଷ୍ୟ ଦେଇ ନ ଥାଉ । ଯୀଶୁଙ୍କ ମାଧ୍ୟମରେ ସେ ଯେଉଁ ମହାନ କାର୍ଯ୍ୟ ସକଳ କରିଛନ୍ତି, ତାହା ଦେଖି ଆମେ ଯେପରି ଚମତ୍କୃତ ହୋଇ କହୁ, "ହେ, ଈଶ୍ୱର ଯୀଶୁଙ୍କ ମାଧ୍ୟମରେ ତୁମେ ଯାହା ସାଧନ କରିଛ ତାହା ଅତି ଆଶ୍ଚର୍ଯ୍ୟ ବିଷୟ", ଏହା ସେ ଚାହାଁନ୍ତି । ତା'ପରେ ସେ ଚାହାନ୍ତି, ଆମେ ଯେପରି ବାଇବଲରୁ ଯୋହନ ୧୪:୧୨ ଖୋଲି ପଢୁ, ଯେଉଁଠାରେ ଯୀଶୁ କହୁଛନ୍ତି, "ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଛି, ମୋ'ଠାରେ ଯେ ବିଶ୍ୱାସ କରେ, ମୁଁ ଯାହା ଯାହା କରୁଛି, ସେ ମଧ୍ୟ ସେହିସବୁ କରିବ । ସେ ଏହାଠାରୁ ଆହୁରି ଅଧିକ ମହତ୍ କାର୍ଯ୍ୟମାନ ମଧ୍ୟ କରିବ, କାରଣ ମୁଁ ପିତାଙ୍କ ନିକଟକୁ ଯାଉଛି ।"

ଯୀଶୁ ତା'ଙ୍କ ପିତାଙ୍କ ନିକଟକୁ ଯାଇଛନ୍ତି, ସେଥିପାଇଁ ଈଶ୍ୱର ଆପଣଙ୍କ ମାଧ୍ୟମରେ ସେହିସବୁ ବିଷୟ ଓ ତା'ଠାରୁ ଆହୁରି ଅଧିକ ବିଷୟ ମଧ୍ୟ ସାଧନ କରିବେ । ଆପଣ ଏହା ବିଶ୍ୱାସ କରୁଛନ୍ତି କି? ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ଓ ଆପଣଙ୍କୁ ବ୍ୟବହାର କରିବାକୁ ଯାଉଛନ୍ତି, ଏକଥା ଆପଣ କ'ଣ ପ୍ରକୃତରେ ବିଶ୍ୱାସ କରନ୍ତି?

ଥରେ ମୁଁ ଅଧ୍ୟୟନ କରୁଥିବା ସମୟରେ ଈଶ୍ୱର ମୋ' ସହିତ କଥା କହିବାକୁ ଆରମ୍ଭ କଲେ, "ଜଏସ୍, ପ୍ରତ୍ୟେକ ଦିନ ମୁଁ ଲୋକମାନଙ୍କ ପାଇଁ କେତେ ବିଷୟ ସାଧନ କରେ ମାତ୍ର କେହି ସେହିସବୁ ଉପଲବ୍ଧି କରନ୍ତି ନାହିଁ । ମୁଁ ତୁମକୁ କେବଳ ଗୋଟିଏ ଉଦାହରଣ ଦେବି । ପ୍ରତ୍ୟେକ ଦିନ ମୁଁ ଯେତେବେଳେ ସୂର୍ଯ୍ୟକୁ କହେ

"ଉଦୟ ହୁଅ" ସେତେବେଳେ ତାହା ମୁଁ ଜଏସ୍ ପାଇଁ କରେ, ବେଟି ପାଇଁ କରେ, ଜେମି ପାଇଁ କରେ (ଏଠାରେ ନିଜ ନାମ ଆମେ ଲେଖି ପାରିବା)" ।

ସୁସ୍ଥିର ହୋଇ ଥରେ ଏ ବିଷୟ ଚିନ୍ତା କରନ୍ତୁ । ପ୍ରତ୍ୟେକ ଦିନ ଆପଣଙ୍କ ପାଇଁ ସୂର୍ଯ୍ୟ ଉଦିତ ହେଉଛି । ହଁ, ସୂର୍ଯ୍ୟ ! ଆଉ ଆମେ ତାହାକୁ ସହଜ ଭାବେ ଧରି ନେଉଛୁ । ଆମେ ଜାଣୁ ସୂର୍ଯ୍ୟ ପ୍ରତ୍ୟେକ ଦିନ ଉଦୟ ହୁଏ, ମାତ୍ର ଏହା ଆପଣଙ୍କ ନିମନ୍ତେ ଉଦିତ ହୁଏ ! ଋତୁ ଅନୁଯାୟୀ ଯେତେବେଳେ ବର୍ଷା ଆସେ, ତାହା ଆପଣଙ୍କ ପାଇଁ ବର୍ଷେ । ଯେତେବେଳେ ବରଫ ପଡ଼ିବାକୁ ଆରମ୍ଭ କରେ, ସେତେବେଳେ ତାହା ଆପଣଙ୍କ ପାଇଁ ପଡ଼େ । ଈଶ୍ୱର ଆପଣଙ୍କୁ ଏତେ ଦୂର ପ୍ରେମ କରନ୍ତି !

ଦ୍ୱିତୀୟ ବିବରଣ ୭:୯ କହେ,

> "ତେଣୁ ତୁମର ପ୍ରଭୁ ଈଶ୍ୱର ଯେ ଈଶ୍ୱର ଅଟନ୍ତି, ଏହା ଜାଣି ରଖ । ସେ ବିଶ୍ୱାସ ଭାଜନ ଈଶ୍ୱର, ଯେଉଁମାନେ ତାହାଙ୍କୁ ପ୍ରେମ କରନ୍ତି ଓ ତାହାଙ୍କର ଆଜ୍ଞା ପାଳନ କରନ୍ତି, ସେ ସେମାନଙ୍କ ସହସ୍ର ପୁରୁଷ ପର୍ଯ୍ୟନ୍ତ ଆପଣା ପ୍ରେମ-ଚୁକ୍ତି ରକ୍ଷା କରନ୍ତି ।"

ଆପଣ କ'ଣ ଭାବୁଛନ୍ତି ଯେ ଆପଣଙ୍କର ସହସ୍ର ପୁରୁଷ ପର୍ଯ୍ୟନ୍ତ ଈଶ୍ୱର ଆପଣା ପ୍ରେମଚୁକ୍ତି ରକ୍ଷା କରିବା ଏକ ଦୀର୍ଘ କାଳର ବିଷୟ? ସେ ହେଉଛନ୍ତି ଅନନ୍ତକାଳୀନ ଈଶ୍ୱର ଓ ଆପଣ ତାଙ୍କୁ କ୍ଲାନ୍ତ କରିପାରିବେ ନାହିଁ । ଆମମାନଙ୍କ ମଧ୍ୟରୁ ଅନେକ ଭାବୁ ଯେ, ଆମମାନଙ୍କ ଦୋଷଦୁର୍ବଳତା, ଆମର ବିଫଳତା ଦ୍ୱାରା ଆମେ ଈଶ୍ୱରଙ୍କୁ ଅବସନ୍ନ ଓ କ୍ଲାନ୍ତ କରିଦେଉଛୁ, ମାତ୍ର ତାହା ପ୍ରକୃତ ବିଷୟ ନୁହେଁ । ପ୍ରେମ କଦାପି ଶ୍ରାନ୍ତକ୍ଲାନ୍ତ ହୁଏ ନାହିଁ ଓ ଆପଣଙ୍କୁ ପ୍ରେମ କରିବା ନିମନ୍ତେ ଆପଣ ଈଶ୍ୱରଙ୍କୁ କଦାପି ନିବୃତ୍ତ କରିପାରିବେ ନାହିଁ । ପ୍ରେମ ଏପରି ଏକ ବିଷୟ ନୁହେଁ ଯାହା ଈଶ୍ୱର କରନ୍ତି । ସେ ସ୍ୱୟଂ ହିଁ ତାହା ଅଟନ୍ତି ବା ସ୍ୱୟଂ ସେ ହିଁ ପ୍ରେମମୟ/ପ୍ରେମ ସ୍ୱରୂପ ।

ଏହି ଜଗତର ସବୁଠାରୁ ଘୃଣ୍ୟ, ନୀଚସ୍ଥରର ପାପୀ ଯୀଶୁଙ୍କ ମୁହଁ ଉପରେ ଛେପ ପକାଇ (ଯଦି କହେ), "ମୁଁ ଆନନ୍ଦ ମନରେ ନରକକୁ ଯିବାକୁ ପ୍ରସ୍ତୁତ, ସେଥିପାଇଁ ତୁମ ସହିତ କୌଣସି ସଂପର୍କ ରଖିବାକୁ ମୁଁ ଚାହେଁନା, ତଥାପି ମଧ୍ୟ ଈଶ୍ୱରଙ୍କ ପ୍ରେମ ତା'ପ୍ରତି କମି ଯାଏ ନାହିଁ ବା ଶେଷ ହୋଇ ଯାଏ ନାହିଁ।" ତେବେ ଯେଉଁମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟ ସାଧନ ନିମନ୍ତେ ଆହୂତ ଓ ପୃଥକୀକୃତ, ସେମାନଙ୍କୁ ପ୍ରେମ ନ କରି ସେ କିପରି ରହିପାରିବେ?

ହୁଏତ ଆପଣ ମନେ ମନେ କହିସାରିବେଣି, "ମୁଁ ଯୀଶୁଙ୍କୁ ହୃଦୟରେ ଗ୍ରହଣ କରିଛି ଓ ତାଙ୍କୁ ପ୍ରେମ କରେ।" କିନ୍ତୁ ମୁଁ ଆପଣଙ୍କୁ ପଚାରୁଛି, *ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ବୋଲି ଆପଣ କେତେଦୂର ବିଶ୍ୱାସ କରୁଛନ୍ତି?*

"ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି", ଏହା ଆପଣଙ୍କ ପାଇଁ ଏକ ଅତି ସାଧାରଣ ସମ୍ବାଦ। ମାତ୍ର ଅନ୍ୟାନ୍ୟ ସବୁ ବିଷୟ ବୁଝିବା ପାଇଁ ଆପଣ ଜୀବନରେ ଈଶ୍ୱରଙ୍କ ଯୋଜନାର ଏହା ହିଁ ହେଉଛି ପ୍ରଥମ ସୋପାନ ବା ମୂଳଦୂଆର ଆରମ୍ଭ ମାତ୍ର।

ଆପଣ ଯେକୌଣସି ବିଷୟ ଶିଖି ଥିଲେ ମଧ୍ୟ ଓ ଈଶ୍ୱରଙ୍କ ବିଷୟରେ ଅଧିକ ଜାଣିବା ପାଇଁ ଆପଣ ଯେତେ କଷ୍ଟ କରି ପଢ଼ିଥିଲେ ଓ ଅନ୍ୱେଷଣ କରିଥିଲେ ମଧ୍ୟ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ବୋଲି ଆପଣ ଯଦି ବିଶ୍ୱାସର ସହ ଗ୍ରହଣ ନ କରୁଛନ୍ତି, ତେବେ ଆପଣଙ୍କର ସ୍ଥିତି ଟଳମଳ ଅସ୍ଥାରେ ରହିଛି। ଆପଣଙ୍କ ବିଶ୍ୱାସର ମୂଳଦୁଆ ହେଉଛି ଆପଣଙ୍କ ପ୍ରତି ଈଶ୍ୱରଙ୍କ ପ୍ରେମ, ଏହା ଆପଣଙ୍କୁ ପାପରୁ ସ୍ୱାଧିନତା ଦେବା ସଙ୍ଗେ ସଙ୍ଗେ ନିର୍ଭୟ ଓ ନିର୍ଦ୍ୱନ୍ଦରେ ଅନ୍ୟମାନଙ୍କ ସେବା କାର୍ଯ୍ୟ ନିମନ୍ତେ ଆପଣଙ୍କୁ ସକ୍ଷମ କରାଇବ। *ଆପଣ କ'ଣ ତାଙ୍କ ପ୍ରେମକୁ ଗ୍ରହଣ କରିବେ?*

ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି !

# 2

# ମୋର ଉତ୍ତମତା ଯଥେଷ୍ଟ କି ?

"ପୁଣି, ଭରସା ଆମକୁ ନିରାଶ କରେ ନାହିଁ, କାରଣ ଆମକୁ ପ୍ରଦତ୍ତ ପବିତ୍ର ଆତ୍ମାଙ୍କ ଦ୍ୱାରା ଈଶ୍ୱର ଆମର ହୃଦୟ ତାହାଙ୍କ ପ୍ରେମରେ ଭରିଦେଇଛନ୍ତି ।

ଆମେ ଯେତେବେଳେ ଶକ୍ତିହୀନ ଥିଲୁ, ସେତେବେଳେ ଖ୍ରୀଷ୍ଟ ଉପଯୁକ୍ତ ସମୟରେ ଅଧାର୍ମିକ ଲୋକଙ୍କ ପାଇଁ ମୃତ୍ୟୁବରଣ କଲେ। ଧାର୍ମିକ ଲୋକ ପାଇଁ କେହି ପ୍ରାଣ ଦେବା ଖୁବ୍ ବିରଳ, ତଥାପି କୌଣସି ଉତ୍ତମ ବ୍ୟକ୍ତି ପାଇଁ କେହି ହୁଏତ ପ୍ରାଣ ଦେବାକୁ ସାହସ କରିପାରେ । କିନ୍ତୁ ଆମେ ପାପୀ ଥିବା ସମୟରେ ହିଁ ଖ୍ରୀଷ୍ଟ ଯେ ଆମ ପାଇଁ ପ୍ରାଣ ଦେଲେ, ଏହା ଦ୍ୱାରା ଈଶ୍ୱର ଆମ ପ୍ରତି ତାହାଙ୍କର ପ୍ରେମ ପ୍ରଦର୍ଶନ କରୁଛନ୍ତି ।

ଆମେ ଏବେ ତାହାଙ୍କ ରକ୍ତ ଦ୍ୱାରା ଧାର୍ମିକ ଗଣ୍ୟ ହୋଇଥିବାରୁ ତାହାଙ୍କ ଦ୍ୱାରା ଈଶ୍ୱରଙ୍କ କୋପରୁ କେତେ ଅଧିକ ରୂପେ ରକ୍ଷା ନ ପାଇବୁ । କାରଣ ଆମେ ଈଶ୍ୱରଙ୍କ ଶତ୍ରୁ ଥିବା ସମୟରେ ଯଦି ତାହାଙ୍କ ପୁତ୍ରଙ୍କ ମୃତ୍ୟୁ ଦ୍ୱାରା ଈଶ୍ୱରଙ୍କ ସହ ପୁନର୍ମିଳିତ ହେଲୁ, ତେବେ ଆମେ ପୁନର୍ମିଳିତ ହୋଇଥିବାରୁ ତାହାଙ୍କ ଜୀବନ ଦ୍ୱାରା କେତେ ଅଧିକ ରୂପେ ରକ୍ଷା ନ ପାଇବୁ।"

–ରୋମୀୟ ୫:୫–୧୦

ଅନେକେ ଭାବନ୍ତି, ଯେ ପର୍ଯ୍ୟନ୍ତ ଯାଏ ଆମେ ସବୁ ବିଷୟ ସୁନ୍ଦର ଓ ଶୃଙ୍ଖଳିତ କରିପାରୁଛୁ ସେ ପର୍ଯ୍ୟନ୍ତ ଯାଏ ଈଶ୍ୱର ଆମକୁ ଭଲ ପାଆନ୍ତି । ଅଧିକାଂଶ ଲୋକ ନିଜକୁ ଭଲ ପାଆନ୍ତି ନାହିଁ । ସେଥିଲାଗି ଈଶ୍ୱର ଯେ ସେମାନଙ୍କ ପ୍ରତି ମନୋଯୋଗୀ ହେବେ ନାହିଁ, ଏହା ସେମାନଙ୍କର ଧାରଣା ଥାଏ । କିନ୍ତୁ ବାଇବଲ ଧର୍ମଶାସ୍ତ୍ର କହେ, "ମନୁଷ୍ୟ କିଏ ଯେ ତୁମେ ତା' ପ୍ରତି ଏତେ ମନୋଯୋଗୀ ?" (ଗୀତ. ୮:୪) । ଅତି ସାଧାରଣ ଓ ସରଳ ଭାବରେ ଆମେ ଈଶ୍ୱରଙ୍କ ସୃଷ୍ଟି, ଆଉ ସେ ଆମକୁ ପ୍ରେମ କରନ୍ତି କାରଣ ସେ ଆମକୁ ଭଲ ପାଆନ୍ତି। ସେ ହିଁ ପ୍ରେମମୟ ବା ପ୍ରେମସ୍ୱରୂପ (୧ମ ଯୋହନ ୪:୧୬) ।

ସେ ଆପଣଙ୍କୁ ପ୍ରେମ କରନ୍ତି ଏବଂ ତାଙ୍କ ପାଖେ ଆପଣ ବହୁମୂଲ୍ୟ । ଏହାର ଅର୍ଥ, ଆପଣ ସଂପୂର୍ଣ୍ଣ ଭିନ୍ନ ଓ ଅନନ୍ୟ । ଆପଣ ମୋ' ସଦୃଶ ବା ମୁଁ ଆପଣଙ୍କ ସଦୃଶ ହୋଇପାରିବା ନାହିଁ । ଅନ୍ୟ କାହାପରି ହେବା ପାଇଁ ଚେଷ୍ଟା କରିବା ମଧ୍ୟ ଆମ ପାଇଁ ଦୁର୍ଭାଗ୍ୟଜନକ ବିଷୟ । ଏହିପରି ଚେଷ୍ଟା କରିବା ଦ୍ୱାରା ଆମେ ଭଲ ନୋହୁଁ ବୋଲି ଆମକୁ କହିବା ପାଇଁ ଶୟତାନ ସୁଯୋଗ ପାଇଥାଏ । ପ୍ରକୃତରେ କହିବାକୁ ଗଲେ, ଈଶ୍ୱରଙ୍କଠାରେ ଆମର ଉତ୍ତମତାର କୌଣସି ମୂଲ୍ୟ ନାହିଁ ।

ଆପଣ ଅତି ମହାନ ଓ ଖୁବ୍ ଭଲ ବ୍ୟକ୍ତି ବୋଲି କ'ଣ ଯୀଶୁ ଆପଣଙ୍କ ପାଇଁ ମୃତ୍ୟୁବରଣ କଲେ ନା ଆପଣଙ୍କୁ ସେ ପ୍ରେମ କରନ୍ତି ବୋଲି ଆପଣ ପାଇଁ ଜୀବନ ଦେଲେ? ବାଇବଲ କହେ, ଯଦି ସେ ଆପଣଙ୍କୁ ଏତେ ଭଲପାଇଲେ ଯେ ଆପଣଙ୍କ ପାଇଁ ତାଙ୍କ ଜୀବନ ଦେଇଦେଲେ, ତାହାହେଲେ ବର୍ତ୍ତମାନ (ଆପଣଙ୍କ ପାଇଁ) ତାଙ୍କର ପାତିତ ରକ୍ତ ଦ୍ୱାରା ଆପଣ ଯୋଗ୍ୟ ବିବେଚିତ ହୋଇ ସାରିବା ପରେ ସେ ଆପଣଙ୍କୁ କେତେ ଅଧିକ ପ୍ରେମ ନ କରୁଛନ୍ତି ? ଦୈନନ୍ଦିନ ଆପଣଙ୍କର ଛୋଟ ଛୋଟ ଭୁଲ୍‌ଗୁଡ଼ିକୁ ତାଙ୍କର ପ୍ରେମ ଢ଼ାଙ୍କି ଦିଏ । ଆଜି ଦିନଟି ତାଙ୍କ ଶକ୍ତିରେ ବିଜୟୀ ହେବା ପାଇଁ ସେ ସାହାଯ୍ୟ କରନ୍ତି ଓ ସେଥିପାଇଁ ଆପଣଙ୍କ ପ୍ରତି ତାଙ୍କ ପ୍ରେମ ଯଥେଷ୍ଟ ।

ତାଙ୍କ ଦୃଷ୍ଟିରେ ଆମମାନଙ୍କର ଭୂଲ୍ ଓ ଦୁର୍ବଳତା (କିପରି) କ'ଣ ତାହାର ଏକ ଉଦାହରଣ ଈଶ୍ୱର ମୋତେ ଜଣାଇଥିଲେ । ତିନି ଚାରି ବର୍ଷର ପିଲାଟିଏ ତା'ର ମା'କୁ ଘରର ସବୁ କାମ କରିବାର ଦେଖି ମା'କୁ ସାହାଯ୍ୟ କରିବାକୁ ଇଚ୍ଛା କଲା ଓ ଛୋଟ ବାଲ୍ଟିରେ ସାବୁନ୍ ପାଣି ଓ ଖଣ୍ଡେ କନା ଧରି ଝରକା କାଚ ସଫା କରିବାରେ ଲାଗିପଡ଼ିଲା । ତା'ର ମା' ହଠାତ୍ ଦେଖିଲା ପିଲାଟି ଗୋଟିଏ ଭଲ କପଡ଼ା ନେଇ, ଚାରିଆଡ଼େ ସାବୁନ୍ ପାଣି ପକାଇ ଝରକା ସଫା କରିବାକୁ ଚେଷ୍ଟା କରୁଛି । ମା' କୌଣସି ପ୍ରତିକ୍ରିୟା ପ୍ରକାଶ କରିବା ପୂର୍ବରୁ ପିଲାଟି ତା'ର କଅଁଳ ସ୍ୱରରେ କହିଉଠିଲା, "ମା', ମା', ମୁଁ ତୁମର ଝରକା କେଡ଼େ ସୁନ୍ଦର ସଫା କରିଦେଇଛି ଦେଖ, ମୁଁ ତୁମକୁ ଖୁବ୍ ଭଲ ପାଏ ।" ସବୁ ବିରକ୍ତି ଭାବକୁ ଚାପିଦେଇ ସ୍ନେହମୟୀ ମା' ତାକୁ କହିଲେ, "ହଁ, ଧନ୍ୟବାଦ ତୋର ସାହାଯ୍ୟ ପାଇଁ ।" ତା'ପରେ ପିଲାଟି ଅନ୍ୟ ଆଡ଼େ ଖେଳରେ ବ୍ୟସ୍ତ ଥିବା ସମୟରେ ମା'ଟି ତଳେ ପଡ଼ିଥିବା ସାବୁନ ପାଣି ପରିଷ୍କାର କରିଦେଇ ଅନ୍ୟ ସମୟରେ କିନ୍ତୁ ପିଲାକୁ ବୁଝାଇଦେଲେ ଯେପରି ଭବିଷ୍ୟତରେ ସେ କାମକୁ ଦି' କାମ ନ କରେ ।

ଈଶ୍ୱର ମୋତେ କହିଲେ, ସେ ଆମ ପାଇଁ ଠିକ୍ ସେହିପରି କରନ୍ତି । ଆମେ କରିଥିବା ଅଡୁଆ ପରିସ୍ଥିତି, ଅପରିଷ୍କାର ବିଷୟକୁ ସେ ପରିଷ୍କାର କରିଦିଅନ୍ତି । ଯାହା କରିବା ଉଚିତ ଓ ଶ୍ରେୟସ୍କର, ତାହା ହିଁ ଆପଣ ଯେପରି କରନ୍ତି ଏହା ଈଶ୍ୱର ଆପଣଙ୍କଠାରୁ ଆଶା କରନ୍ତି । ଆପଣ କରି ନ ପାରିବା ବିଷୟ ସେ ଆପଣଙ୍କଠାରୁ ଆଶା କରନ୍ତି ନାହିଁ । ସେ ଆପଣଙ୍କୁ ପରିବର୍ତ୍ତନ କରିଦେଇ ପାରନ୍ତି ଯଦି ଆପଣ ତାଙ୍କୁ ସ୍ୱଇଚ୍ଛାରେ କୁହନ୍ତି, "ହଁ, ପ୍ରଭୁ ତୁମେ ଠିକ୍ କହୁଥିଲ, ମୋର ଭୂଲ ଥିଲା । ମୁଁ ଚେଷ୍ଟା କଲି କିନ୍ତୁ ମୁଁ ପରିବର୍ତ୍ତିତ କରିପାରୁ ନାହିଁ ।" ସେତେବେଳେ ସେ ଆପଣଙ୍କୁ ସାହାଯ୍ୟ କରିବେ, କାରଣ ସେ ଜାଣନ୍ତି ତାଙ୍କ ସାହାଯ୍ୟ ବିନା ଆପଣ କିଛି କରି ପାରିବେ ନାହିଁ ।

> "କାରଣ ଈଶ୍ୱର ଯାହାଙ୍କୁ ପଠାଇଛନ୍ତି, ସେ ଈଶ୍ୱରଙ୍କ ବାକ୍ୟ କହନ୍ତି, ତାହାଙ୍କୁ ଈଶ୍ୱର ଅପରିମିତ ରୂପେ ଆତ୍ମା ପ୍ରଦାନ କରନ୍ତି ।

ପିତା ପୁତ୍ରଙ୍କୁ ପ୍ରେମ କରନ୍ତି ଓ ତାହାଙ୍କ ହସ୍ତରେ ସମସ୍ତ ବିଷୟ ନ୍ୟସ୍ତ କରିଛନ୍ତି ।"

– ଯୋହନ ୩:୩୪,୩୫

ଦିନେ ମୁଁ ଏହି ପଦଟି ପାଠ କରି ତାହା ଧ୍ୟାନ କରୁ କରୁ ଆନନ୍ଦରେ ଅଧୀର ହୋଇ ଉପଲବ୍ଧି କଲି ଈଶ୍ୱର ଅପରିମିତ ରୂପେ ପବିତ୍ର ଆତ୍ମା ପ୍ରଦାନ କରନ୍ତି । ସେ ମାପି ଚୁପି ତାହା ଦାନ କରନ୍ତି ନାହିଁ, ଏଥିରୁ ଟିକେ ସେଥିରୁ ଟିକେ ଦିଅନ୍ତି ନାହିଁ ମାତ୍ର ଅଯାଚିତ ଭାବେ ଅପରିମିତ ରୂପେ ଦେଇଥାନ୍ତି ।

ଅପରନ୍ତୁ, ସେ କହନ୍ତି, *"ମୋର ଯାହାକିଛି ଅଛି ସେ ସବୁ ତୁମର, ତୁମେ ନିଅ ।"* ଈଶ୍ୱରଙ୍କ ଶକ୍ତି ଓ ପ୍ରେମ ଭରପୂର ଭାବେ ଆପଣଙ୍କ ପାଇଁ ଆଜି ସହଜଲଭ୍ୟ, ସେ ଆପଣଙ୍କର ସବୁ ଆବଶ୍ୟକତା ପୂରଣ କରିପାରିବେ ଏବଂ ଆପଣ ସବୁକିଛି ଗ୍ରହଣ କରନ୍ତୁ ବୋଲି ସେ ଚାହାଁନ୍ତି । କାରଣ ସେ ଆପଣଙ୍କୁ ପ୍ରେମ କରନ୍ତି । ଈଶ୍ୱରଙ୍କର ଏହି ସବୁ ଆଶୀର୍ବାଦର ଦାନ ପାଇବା ପାଇଁ ଆପଣ ଏକ ଉତ୍ତମ ବ୍ୟକ୍ତି ହେବା ଆବଶ୍ୟକ ନୁହେଁ କାରଣ ଆପଣ ଯେତେ ଚେଷ୍ଟା କଲେ ମଧ୍ୟ ସେହି ସବୁ ଆଶୀର୍ବାଦ ପାଇବାର ଯୋଗ୍ୟତା ହାସଲ କରିପାରିବେ ନାହିଁ । ଆପଣ ସୌନ୍ଦର୍ଯ୍ୟପୂର୍ଣ୍ଣ ବା ସ୍ମାର୍ଟ ହେବାର ଆବଶ୍ୟକତା ମଧ୍ୟ ନାହିଁ । କାରଣ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ବୋଲି ଆପଣଙ୍କ ଉପରେ ଆଶୀର୍ବାଦ ଢ଼ାଳି ଦେବାକୁ ଚାହାଁନ୍ତି ।

ଦ୍ୱିତୀୟ ବିବରଣ ୭:୬,୭ ପଦରେ ଈଶ୍ୱର କହନ୍ତି,

"କାରଣ ତୁମ୍ଭେମାନେ ତୁମର ପ୍ରଭୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ପବିତ୍ର ଲୋକ । ସେ ପୃଥିବୀର ଅନ୍ୟ ସବୁ ଜାତି ମଧ୍ୟରୁ ତୁମ୍ଭମାନଙ୍କୁ ତାହାଙ୍କର ସଞ୍ଚିତ ଧନ ସ୍ୱରୂପ ଓ ନିଜସ୍ୱ କରିବାକୁ ମନୋନୀତ କରିଛନ୍ତି । ତୁମ୍ଭେମାନେ ଅନ୍ୟ ଜାତିଗୁଡ଼ିକ ଅପେକ୍ଷା ଅଧିକ ସଂଖ୍ୟକ ବୋଲି ସେ ଯେ ତୁମ୍ଭମାନଙ୍କୁ ସ୍ନେହ କରି

ମନୋନୀତ କଲେ, ତା' ନୁହେଁ, କାରଣ ତୁମ୍ଭେମାନେ ଅନ୍ୟ ସବୁ ଜାତି ଅପେକ୍ଷା ଅଳ୍ପ ସଂଖ୍ୟକ।"

ଇସ୍ରାଏଲୀୟମାନଙ୍କୁ ଈଶ୍ୱର ତାଙ୍କର ବହୁମୂଲ୍ୟ ଜାତି ରୂପେ ମନୋନୀତ କଲେ, ଏବଂ ବର୍ତ୍ତମାନ ଆମେ ବିଶ୍ୱାସୀ ମଣ୍ଡଳୀ ଆତ୍ମିକ ଭାବେ ପ୍ରକୃତ ଇସ୍ରାଏଲୀୟ। ସେଥିପାଇଁ ଶାସ୍ତ୍ରର ଉପରୋକ୍ତ ଏହି ବାକ୍ୟ ସେମାନଙ୍କ ପ୍ରତି ଯେପରି ପ୍ରଯୁଜ୍ୟ ଥିଲା ଆଜି ଆମ ପାଇଁ ମଧ୍ୟ ସେହିପରି ପ୍ରଯୁଜ୍ୟ । ସେ କହୁଛନ୍ତି, "ତୁମ୍ଭେମାନେ ଅନ୍ୟ ଜାତିଗୁଡ଼ିକ ଅପେକ୍ଷା ଅଧିକ ସଂଖ୍ୟକ ବୋଲି ସେ ଯେ ତୁମ୍ଭମାନଙ୍କୁ ସ୍ନେହ କରି ମନୋନୀତ କଲେ ତାହା ନୁହେଁ ।" ଆମ ପାଇଁ ଏହି ବାକ୍ୟ ଆଜି କହେ, "ତୁମେ ସବୁ ବିଷୟ ଠିକ୍ କରିଛ ବୋଲି ବା ତୁମେ ଅତି ଆଶ୍ଚର୍ଯ୍ୟଜନକ ବ୍ୟକ୍ତି ବୋଲି ମୁଁ ତୁମକୁ ମନୋନୀତ କରି ନାହିଁ ।"

ସେହି ବାକ୍ୟରେ ସେ ଆହୁରି କହୁଛନ୍ତି ଯେ ଅନ୍ୟମାନଙ୍କ ତୁଳନାରେ ତୁମେ ଅଳ୍ପ ସଂଖ୍ୟକ । କହିବାକୁ ଗଲେ, ତୁମେ ଯଦି ମୋ'ପରି ହୋଇଥାଆନ୍ତ ତେବେ ତୁମେ ପରିତ୍ରାଣ ଲାଭ କରିବା ପୂର୍ବରୁ ନିଜକୁ ଅନ୍ୟ ସମସ୍ତଙ୍କଠାରୁ ତୁଚ୍ଛ ନଗଣ୍ୟ ବୋଲି ଭାବିଥାଆନ୍ତ । ତଥାପି ୮ ପଦରେ ଈଶ୍ୱର କହୁଛନ୍ତି,

"ମାତ୍ର ତୁମ୍ଭମାନଙ୍କ ପ୍ରତି ପ୍ରଭୁଙ୍କର ପ୍ରେମ ଥିବାରୁ ଏବଂ ତୁମ୍ଭମାନଙ୍କ ପିତୃପୁରୁଷମାନଙ୍କ ନିକଟରେ କରିଥିବା ଶପଥ ସେ ରକ୍ଷା କରିଥିବାରୁ ସେ ମହାବାହୁବଳରେ ମିଶରର ଦାସତ୍ୱରୁ ଓ ମିଶରର ରାଜା ଫାରୋର କବଳରୁ ତୁମ୍ଭମାନଙ୍କୁ ଉଦ୍ଧାର କରି ଆଣିଲେ ।"

ଏହା ବିଜୟ ଉଲ୍ଲାସର ବାର୍ତ୍ତା ! ଈଶ୍ୱର କହୁଛନ୍ତି, *"ମୁଁ ତୁମ ପ୍ରତି ମୋର ପ୍ରେମ ପ୍ରକାଶ କରିଅଛି ଏବଂ ତୁମେ ପବିତ୍ର ବୋଲି ତୁମକୁ କହିଅଛି । ତୁମେ ବହୁମୂଲ୍ୟ ବୋଲି ତୁମକୁ କହିଅଛି ।* ତୁମର ଉତ୍ତମତା ଦେଖି ମୁଁ ତୁମକୁ ମନୋନୀତ କରିନାହିଁ ମାତ୍ର ତୁମକୁ ମୁଁ ପ୍ରେମ କରେ ବୋଲି ତୁମକୁ ମନୋନୀତ କରିଛି ।" ଆପଣ ଜାଣିଛନ୍ତିକି, ଆଜି ଆପଣ କ'ଣ କରିବେ ବୋଲି ଈଶ୍ୱର ଚାହାଁନ୍ତି? ଆପଣ ତାଙ୍କର ପ୍ରେମ ସ୍ୱୀକାର କରି ତାହାଙ୍କୁ ଗ୍ରହଣ କରନ୍ତୁ ବୋଲି ସେ ଚାହାନ୍ତି ।

ଆମମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ସବୁଠାରୁ ବଡ଼ ସମସ୍ୟା ହେଲା ଆମେ ନିଜକୁ ଭଲ ପାଉନାହୁଁ । ଈଶ୍ୱର ଆମକୁ ପ୍ରେମ କରନ୍ତି ବୋଲି ଆମେ ବିଶ୍ୱାସ କରୁନାହୁଁ, ଏପରିକି ଅନ୍ୟ କେହି ମଧ୍ୟ ଆମକୁ ପ୍ରେମ କରନ୍ତି ବୋଲି ଆମେ ଭାବି ପାରୁନା । ଆମେ ଭାବୁ, 'ମୁଁ ଜଣେ ଅସଂଯତ, ଅଖାଡୁଆ ବ୍ୟକ୍ତି, *ମୋତେ କିପରି କିଏ ଭଲପାଇବ?'* ଆପଣ ନିଜକୁ ଯଦି ଅସୁନ୍ଦର ଓ ଖରାପ ମନେକରୁଛନ୍ତି, ତେବେ ଆପଣ ଚିନ୍ତାରେ, କାର୍ଯ୍ୟରେ ଓ ଦେଖିବାକୁ ମଧ୍ୟ ଅସୁନ୍ଦର ଓ ଖରାପ ଲଗିବେ । ଆପଣ ହୃଦୟରେ ନିଜ ବିଷୟରେ ଯେଉଁ ଛବିଟି ଆଙ୍କିଛନ୍ତି, ତାହାର ବାହାରେ ଆପଣ କିଛି କରିପାରିବେ ନାହିଁ ।

ମୋର ସବୁଠାରୁ ବଡ଼ ସମସ୍ୟା ଥିଲା, ମୁଁ ନିଜକୁ ଭଲ ପାଉ ନ ଥିଲି, ଏବଂ ମୋର ସମୟର ୭୫ଭାଗ ସମୟ ମୁଁ ନିଜକୁ ପରିବର୍ତ୍ତିତ କରିବା ପାଇଁ ଖର୍ଚ୍ଚ କରୁଥିଲି। ମୁଁ ଭାବୁଥିଲି ମୁଁ ବେଶୀ କଥା କହୁଛି, ସେଥିଲାଗି ଚୁପଚାପ ରହିବାକୁ ଚେଷ୍ଟା କରୁଥିଲି। ମାତ୍ର ଏହାର ଫଳ ବିପରୀତ ହେଉଥିଲା, କାରଣ ସମସ୍ତେ ପଚାରୁଥିଲେ ମୋର କ'ଣ ହୋଇଛି ବୋଲି ଏବଂ ନିରାଶାଭାବ ମୋତେ ଆଚ୍ଛନ୍ନ କରୁଥିଲା। ମନେ ମନେ ବିରକ୍ତ ହୋଇ ଭାବୁଥିଲି ସମସ୍ତେ ମୋତେ ବକୁରି କହୁଛନ୍ତି ଓ ମୁଁ ଚୁପ୍‌ଚାପ ହୋଇଗଲେ ବ୍ୟସ୍ତ କାହିଁକି ହେଉଛନ୍ତି! ଓଃ, ମୋତେ ଏକା ଛାଡ଼ିଦେବା ଶ୍ରେୟସ୍କର !

ଏପରି ଅବସ୍ଥାରେ ମୁଁ କେତେ ବର୍ଷ କଟାଇଲି କହିପାରିବି ନାହିଁ । ତେବେ ବି ମୋର ବକୁରାପଣ ଲାଗି ମୁଁ ହଇରାଣରେ ପଡୁଥିଲି । ମୋ ପରି ବେଶୀ କଥା କହୁଥିବା ଅନେକ ମହିଳାଙ୍କ ସ୍ୱାମୀମାନେ ଚୁପଚାପ ପ୍ରକୃତିର ବ୍ୟକ୍ତି ଥିଲେ, ସେଥିପାଇଁ ବକୁରାପଣ ବେଶୀ ସ୍ପଷ୍ଟ ଜଣାପଡୁଥିଲା । ଏ ବିଷୟ ମନେପକାଇ ଦେବାକୁ ଶୟତାନ ସର୍ବଦା ଜଗି ବସିଥାଏ ଏବଂ ଏହାକୁ ହିଁ ଦୋଷୀ ସାବ୍ୟସ୍ତ କରାଇବା କୁହାଯାଏ ।

ଆପଣ ଏହି ଦୋଷୀ ମନୋଭାବରୁ ମୁକ୍ତ ହୁଅନ୍ତୁ ବୋଲି ଈଶ୍ୱର ଚାହାନ୍ତି, କିନ୍ତୁ ଏହା ନିମନ୍ତେ ବିଶ୍ୱାସ ଓ ନିର୍ଭୟ ମନୋଭାବ ଆବଶ୍ୟକ । ଆପଣ ନିଜକୁ ଯେତେ

ଦୋଷୀ ମନେକଲେ ମଧ୍ୟ ଏହା ଯେ ଆପଣଙ୍କର ଗୋଟିଏ ହେଲେ ଦୋଷ ଦୂର କରି ପାରିବ ନାହିଁ, ଏହା ଆପଣ ଜାଣନ୍ତି କି ? ଆପଣ ଦୋଷ କରିବା ସତ୍ତ୍ୱେ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି, ଏହା ବିଶ୍ୱାସ କରିବା ନିଶ୍ଚୟ କଷ୍ଟକର ।

ଆପଣ କେତେ ନୀଚସ୍ତରର ବ୍ୟକ୍ତି, କେତେଦୂର ଖରାପ, ଏ ବିଷୟ ଶୟତାନ ଥରକୁ ଥର ଓ ତୁହାକୁ ତୁହା ମନେ ପକାଇ ଚାଲିଥାଏ । ଆପଣଙ୍କୁ ନିରାଶ କରିବା ପାଇଁ ସେ ନାନା ପ୍ରକାର ଅସ୍ତ୍ର ପ୍ରୟୋଗ କରେ, "ତୁମେ ଏତେ ଗୁଡ଼ିଏ ପାପ କରି କିପରି ଅନ୍ୟ ନିକଟରେ ସାକ୍ଷ୍ୟ ଦେବ, ତୁମର ସବୁ ବିଷୟ ଭୂଲ୍, ତୁମ ପରି ନୀଚ ବ୍ୟକ୍ତିକୁ ଈଶ୍ୱର କଦାପି ଆଶୀର୍ବାଦ କରିବେ ନାହିଁ, ସହାୟ ମଧ୍ୟ ହେବେ ନାହିଁ, ଇତ୍ୟାଦି ।"

ଏହିପରି ସମୟରେ ଆପଣଙ୍କର ସାହସ ପ୍ରୟୋଜନ । ଆପଣଙ୍କର ଅନ୍ତଃପୁରୁଷକୁ ଦମ୍ଭର ସହ ଠିଆ କରାଇ କୁହନ୍ତୁ – "ପିତଃ, ମୁଁ ଭୂଲ୍ କରିଛି, ଯୀଶୁଙ୍କ ରକ୍ତ ଦ୍ୱାରା ମୁଁ ତୁମକୁ କ୍ଷମା ଭିକ୍ଷା କରୁଛି । ଯୀଶୁ ମୋର ପାପ ପାଇଁ ମୂଲ୍ୟ ଦେଇସାରିଛନ୍ତି, ମୋର ଜୀବନରେ ଶୟତାନ ତୋର କୌଣସି କାମ ନାହିଁ, ତୁ ଦୂର୍ ହ ।" ଏହାପରେ ମନରୁ ସବୁ ଦ୍ୱିଧା ଭାବ ଦୂର କରି ଆନନ୍ଦରେ ଜୀବନ ବିତାଇବାକୁ ଆରମ୍ଭ କରନ୍ତୁ । ହୁଏତ ଆପଣଙ୍କ ମନରେ ପ୍ରଶ୍ନ ଉଠିବ "ମୁଁ ତ ବାରମ୍ବାର ସେଇ ଭୂଲ୍ କରୁଛି ।" ମୁଁ ମଧ୍ୟ ସେହିପରି ଭାବୁଥିଲି, କିନ୍ତୁ ପରେ ମୁଁ ନିଜକୁ ଦୋଷୀ ବୋଲି ଭାବିବା ବନ୍ଦ୍ କରିଦେଲି । *ଆପଣ ମଧ୍ୟ ତାହା କରିପାରିବେ, ପୁଣି ଶାନ୍ତିରେ ବିଜୟୀ ଜୀବନ କାଟି ପାରିବେ ।*

ଦୋଷ କରିବା ପରେ ଦୋଷୀ ମନୋଭାବ ଆପଣଙ୍କୁ ସବୁବେଳେ ତଳେ ପକାଇ ରଖିବ, ଆପଣ ମୁକ୍ତ ଜୀବନ କାଟିପାରିବେ ନାହିଁ । ମୁଁ ନିର୍ଦ୍ଦୋଷ ବୋଲି ଭାବିବା ନିମନ୍ତେ ସାହସର ପ୍ରୟୋଜନ ଏବଂ ଦୋଷୀ ମନୋଭାବକୁ ଦୃଢ଼ତାର ସହ ବାହାର କରିଦେବା ଉଚିତ୍ । ଶୟତାନ ସହଜରେ ଛାଡ଼ିଯିବ ନାହିଁ, ଆପଣଙ୍କୁ ବାରମ୍ବାର ନିରାଶର ଜାଲ ମଧ୍ୟକୁ ଟାଣି ନେବାକୁ ଚେଷ୍ଟା କରିବ । ମାତ୍ର ଆପଣଙ୍କୁ ସାହସର ସହିତ ତାହାର ମୁକାବିଲା କରିବାକୁ ହେବ । ପ୍ରଥମେ ପ୍ରଥମେ ଆପଣ

ଦୁର୍ବଳ ଓ ପରାଜିତ ଅନୁଭବ କରିପାରନ୍ତି, ମାତ୍ର ଧୈର୍ଯ୍ୟ ଓ ସାହସର ସହ ଶୟତାନର ପ୍ରତିରୋଧ କରିବା ଦ୍ୱାରା ବିଜୟ ଆପଣଙ୍କର ହିଁ ହେବ ।

ଯିଶାଇୟ ୫୩:୫,୬ ଓ ୧୧ ପଦ ଆମ୍ଭମାନଙ୍କୁ କହେ – "କିନ୍ତୁ ସେ ଆମରି ଅଧର୍ମ ପାଇଁ କ୍ଷତବିକ୍ଷତ ହେଲେ, ଆମରି ଅପରାଧ ପାଇଁ ଚୂର୍ଣ୍ଣ ହେଲେ । ଯେଉଁ ଶାସ୍ତି ଆମ ପାଇଁ ଶାନ୍ତି ଆଣିଲା, ତାହା ତାଙ୍କ ଉପରେ ପଡ଼ିଲା, ସେ ପ୍ରହାରିତ ହେବାରୁ ଆମେ ସୁସ୍ଥ ହେଲୁ। ... ସେ ତାଙ୍କର ପ୍ରାଣ ବେଦନାର ଫଳ ଦେଖି ସନ୍ତୁଷ୍ଟ ହେବେ । ଆପଣା ଜ୍ଞାନ ଦ୍ୱାରା ମୋର ଧାର୍ମିକ ସେବକ ଅନେକଙ୍କୁ ଧାର୍ମିକ ଗଣ୍ୟ କରିବେ ଓ ସେ ସେମାନଙ୍କ ଅପରାଧ ବହନ କରିବେ ।" ଏହି ବାକ୍ୟାଂଶରେ କୁହାଯାଏ, ଯୀଶୁ ଯେତେବେଳେ ଆମର ପାପ ବହନ କଲେ, ସେତେବେଳେ ସେ ଆମର ଅପରାଧ ଓ ଦଣ୍ଡ ମଧ୍ୟ ଭୋଗ କଲେ (ଦୋଷୀ ମନୋଭାବ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ)। ଶୟତାନ ଚାହେଁ ନାହିଁ, ଆପଣ ଏସବୁରୁ ମୁକ୍ତ ହୋଇ ଶାନ୍ତିରେ ଜୀବନ ଯାପନ କରନ୍ତୁ । କାହିଁକି ? ଈଶ୍ୱରଙ୍କ ପ୍ରେମରେ ମୁକ୍ତି ପାଇ ଆପଣ ମୁକ୍ତ ଜୀବନ ଯାପନ କରନ୍ତୁ ବୋଲି ଶୟତାନ ଚାହେଁ ନାହିଁ। ଯେହେତୁ ସର୍ବଦା ଦୋଷୀ ମନୋଭାବ ମଧ୍ୟରେ ରହିଲେ ତାହା ଆପଣଙ୍କୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ ରଖିବ ଓ ଆପଣଙ୍କର ଏବଂ ଈଶ୍ୱରଙ୍କ ମଧ୍ୟରେ ଏକ ଲୌହ ପ୍ରାଚୀର ଗଢ଼ିଦେବ । ଆପଣ ପିତା ଈଶ୍ୱରଙ୍କୁ ଦେଖି ପାରିବେ ନାହିଁ, କେବଳ ଆପଣଙ୍କର ଦୋଷ ଓ ପାପ କେବଳ ଆପଣଙ୍କ ସମ୍ମୁଖରେ ରହିବ ।

ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖନ୍ତୁ । ସେ ଯେତେବେଳେ କହିଛନ୍ତି ଯେ, ତାଙ୍କ ଅନୁଗ୍ରହ ତୁମ ପାପ ଘୋଡ଼ାଇ ଦେବା ନିମନ୍ତେ ଯଥେଷ୍ଟ, ସେ ତାହା ପ୍ରକୃତରେ କହିଛନ୍ତି । ସେ ଆପଣଙ୍କୁ ପ୍ରେମ କରନ୍ତି ଓ ତାଙ୍କ ଅନୁଗ୍ରହ କ୍ଷମା ଆପଣଙ୍କ ନିମନ୍ତେ ବିନାମୂଲ୍ୟର ଦାନ । ଆଜି ହିଁ ତାହା ଗ୍ରହଣ କରନ୍ତୁ , ଦୋଷୀ ମନୋଭାବରୁ ମୁକ୍ତ ହୋଇ ଯୀଶୁ ଖ୍ରୀଷ୍ଟଙ୍କଠାରେ ସ୍ୱାଧୀନ ଜୀବନ ଉପଭୋଗ କରନ୍ତୁ । ଆପଣଙ୍କ ଜୀବନ ପାଇଁ ଏହା ହିଁ ଈଶ୍ୱରଙ୍କ ଯୋଜନା

ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ।

# 3

# ପ୍ରେମ ଏକ ସଂପର୍କ

"ସେଥିପାଇଁ ଆମ ପ୍ରତି ଈଶ୍ୱରଙ୍କ ପ୍ରେମ ଅଛି ବୋଲି ଆମେ ଜାଣୁ ଓ ତହିଁ ଉପରେ ନିର୍ଭର କରୁ। ଈଶ୍ୱର ପ୍ରେମ ସ୍ୱରୂପ । ଯେ କେହି ପ୍ରେମରେ ଜୀବନ ଯାପନ କରେ, ସେ ଈଶ୍ୱରଙ୍କଠାରେ ବାସ କରେ ଓ ଈଶ୍ୱର ତାହାଠାରେ ବାସ କରନ୍ତି ।"

–୧ମ ଯୋହନ ୪:୧୬

ଆପଣ କିପରି ଈଶ୍ୱରଙ୍କ ପ୍ରେମକୁ ଆହୁରି ଜ୍ଞାତ ହେବେ ଓ ତାହା ପ୍ରତି ସଚେତନ ରହିବେ? ଈଶ୍ୱର ଆପଣଙ୍କୁ ଯେତେ ପ୍ରେମ କରନ୍ତୁ ନା କାହିଁକି ଆପଣ ଯଦି ତାଙ୍କ ପ୍ରେମ ପ୍ରତି ସଚେତନ ଥାଇ ତାହାକୁ ଉପଲବ୍ଧି ନ କରନ୍ତି, ତାହା ହେଲେ କିଛି ଲାଭ ନାହିଁ । କେହି ଜଣେ ଆପଣଙ୍କୁ ଖୁବ୍ ପ୍ରେମ କରୁଛି ଜାଣିବା କି ଆନନ୍ଦଦାୟକ ସତରେ! ଏହା ଏକ ଆରାମପ୍ରଦ ଉଷ୍ମ ଅନୁଭୂତି ମଧ୍ୟରେ ଥାଆନ୍ତି, ସତେ ଯେପରି ସାରା ଜଗତ ଆମ ହାତ ମୁଠାରେ । ଈଶ୍ୱର ଆପଣଙ୍କୁ ଭଲ ପାଆନ୍ତି ଏବଂ ତାଙ୍କ ପ୍ରେମ ଆପଣଙ୍କ ନିକଟରେ ପ୍ରକାଶ କରିବାକୁ ଚାହାନ୍ତି । ପ୍ରତ୍ୟେକ ଦିନ ଆପଣ ତାଙ୍କ ସହ ସମୟ କଟାନ୍ତୁ ବୋଲି ସେ ଚାହାନ୍ତି ।

ଈଶ୍ୱରଙ୍କ ସହ ଆପଣଙ୍କର ବ୍ୟକ୍ତିଗତ ସଂପର୍କ ରହିଛି କି? ଅନେକ ବର୍ଷ ପୂର୍ବେ ଆପଣ ପରିତ୍ରାଣ ଲାଭ କରିଥିବାରୁ ଈଶ୍ୱରଙ୍କ ସହ ଏକ ନିଗୁଢ଼ ସଂପର୍କ ଉପଭୋଗ କରୁଛନ୍ତି ବୋଲି ମନେକରନ୍ତୁ ନାହିଁ । ମୁଁ ସକାଳେ ନିଦରୁ ଉଠି ଆଖି ଖୋଲିବା

ମାତ୍ରେ ଈଶ୍ୱରଙ୍କ ସମ୍ବନ୍ଧରେ ପ୍ରଥମେ ଚିନ୍ତା କରେ ଏବଂ ରାତିରେ ଶୋଇବା ପୂର୍ବରୁ ଈଶ୍ୱର ହିଁ ମୋର ଶେଷ ଚିନ୍ତା । ଦିନ ଭିତରେ ଥରକୁ ଥର ମୁଁ ଈଶ୍ୱରଙ୍କ ବିଷୟ ଓ ଈଶ୍ୱରଙ୍କୁ ମନେ ପକାଇଥାଏ । ଏହି ବିଶାଳ ଜଗତରେ ଈଶ୍ୱରଙ୍କୁ ସେବା କରି ତାଙ୍କୁ ସନ୍ତୁଷ୍ଟ କରିବା ବ୍ୟତିତ ଆଉ କିଛି ମୁଁ ଚାହେଁ ନାହିଁ ଏବଂ ଏହି ବିଷୟଟି ପାଇବା ନିମନ୍ତେ ଆପଣ ଯେକୌଣସି ବିଷୟ ତ୍ୟାଗ କରନ୍ତୁ ନା କାହିଁକି, ତାହା ଯଥେଷ୍ଟ ନୁହେଁ ।

ଆମ୍ଭମାନଙ୍କ ମଧ୍ୟରେ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ଏକ ଶୂନ୍ୟତା ରହିଛି, ଯାହାକୁ କେବଳ ଈଶ୍ୱର ହିଁ ପୂରଣ କରି ପାରନ୍ତି । ଅନ୍ୟ କୌଣସି ବିଷୟ ବା ଆମର କୌଣସି ବାଞ୍ଛା ତାହା ପୂରଣ କରି ନ ପାରେ । ଆପଣ ହୁଏତ ନିଜକୁ କହିପାରନ୍ତି, "ମୁଁ ଜାଣେ, ମୁଁ ଯୀଶୁଙ୍କୁ ଗ୍ରହଣ କରି ସାରିଛି ।" ମାତ୍ର ଆପଣ କ'ଣ ପ୍ରତ୍ୟେକ ଦିନ, ପ୍ରତି ମୂହୁର୍ତ୍ତ ତାଙ୍କୁ ଗ୍ରହଣ କରୁଛନ୍ତି ? ଈଶ୍ୱରଙ୍କ ପ୍ରେମକୁ ଆପଣ ଗ୍ରହଣ କରୁଛନ୍ତି କି ?

*ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ଓ ଆପଣ ତାଙ୍କ ନିକଟରେ ବହୁମୂଲ୍ୟ ।* ଆମେ ଯେପରି ତାଙ୍କ ସଙ୍ଗେ ସହଭାଗିତା ରଖିବୁ, ସେଥିପାଇଁ ସେ ଆମକୁ ସୃଷ୍ଟି କଲେ । ଏହା ହିଁ ଆପଣଙ୍କ ଜୀବନ ପାଇଁ ତାଙ୍କର ସର୍ବୋଚ୍ଚ ଆକାଂକ୍ଷା ଓ ସିଦ୍ଧ ଇଚ୍ଛା । ପ୍ରତି ପ୍ରଭାତରେ ସେ ଆପଣା ସିଂହାସନରୁ ଝୁଙ୍କିପଡ଼ି କହନ୍ତି, "ସୁ ପ୍ରଭାତ, ମୁଁ ତୁମକୁ ପ୍ରେମ କରେ ।"

ମୋର ଜଣେ ବନ୍ଧୁ ପ୍ରାର୍ଥନା କରୁଥିବା ସମୟରେ ଏକ ଦର୍ଶନ ପାଇଲେ । ସେ ଦେଖିଲେ, ପିତା ଈଶ୍ୱର ପ୍ରତି ପ୍ରଭାତରେ ପ୍ରତି ଗୃହକୁ ଯାଉଛନ୍ତି । ଲୋକମାନେ ଶଯ୍ୟା ତ୍ୟାଗ କଲାବେଳେ ପିତା ଈଶ୍ୱର ସେମାନଙ୍କ ସହ କଥାବାର୍ତ୍ତା କରିବାକୁ ଓ ସେମାନଙ୍କ ସହଭାଗିତା ପାଇବାକୁ ପ୍ରସ୍ତୁତ ହୋଇଛନ୍ତି । ଗୃହର ସଦସ୍ୟଗଣ ଉଠୁଛନ୍ତି, ସେହି କୋଠରୀକୁ ବ୍ୟସ୍ତତା ସହ ଆସୁଛନ୍ତି ଓ ଚାଲିଯାଉଛନ୍ତି, ପୁନର୍ବାର ଆସୁଛନ୍ତି ଓ ଚାଲିଯାଉଛନ୍ତି, ଥରକୁ ଥର ଈଶ୍ୱରଙ୍କୁ କହୁଛନ୍ତି, "ଈଶ୍ୱର ସେହିଠାରେ ଟିକେ ଅପେକ୍ଷା କର । ମୋର ଏଇ କାମଟା ସରିବା କ୍ଷଣି ମୁଁ ତୁମ ସହିତ କଥାବାର୍ତ୍ତା ହେବି । ତୁମର ସହଭାଗିତା ଲାଭ କରିବି । କିନ୍ତୁ ବର୍ତ୍ତମାନ ନୁହେଁ, ଟିକେ ପରେ, ଆଉ ଟିକେ ପରେ ।"

ଯିଏ ଏହି ଦର୍ଶନ ପାଇଥିଲେ, ସେ ଦେଖୁଛନ୍ତି ଦିନଟି ସରିଯାଉଛି ଓ ଈଶ୍ୱର ନିରାଶ ହୋଇ ମୁଣ୍ଡ ଝୁଙ୍କାଇ ଘରୁ ବାହାରି ଯାଉଛନ୍ତି । ଦିନ ଭିତରେ କେହି ହେଲେ ତାଙ୍କ ସଙ୍ଗେ କଥା ହେବାକୁ ଆସିଲେ ନାହିଁ, କେହି ତାଙ୍କୁ ସମୟ ଦେଲେ ନାହିଁ, ସଙ୍ଗ ମଧ୍ୟ ଦେଲେ ନାହିଁ । ଏ ସବୁ ଦେଖି ଦର୍ଶନ ପାଇଥିବା ମହିଳା ଜଣଙ୍କର ହୃଦୟ ଭାଙ୍ଗି ପଡ଼ିଲା ।

*ଅତି ବ୍ୟସ୍ତତା ମଧ୍ୟରେ ଜୀବନ କାଟନ୍ତୁ ନାହିଁ ।* ଯଦି ଆପଣଙ୍କର ପ୍ରାର୍ଥନା କରିବାକୁ ସମୟ ନାହିଁ ଏବଂ ଈଶ୍ୱରଙ୍କ ସହ ସମୟ କାଟି ପାରୁନାହାନ୍ତି, ତାହାହେଲେ ଜାଣିବାକୁ ହେବ ଯେ, ଆପଣ ଅତି ବ୍ୟସ୍ତତା ମଧ୍ୟରେ ଜୀବନ କାଟୁଛନ୍ତି । ଈଶ୍ୱରଙ୍କୁ ଆପଣ କେତେ ପ୍ରେମ କରୁଛନ୍ତି, ତାହା ସମୟ କରି ତାଙ୍କୁ ଜଣାନ୍ତୁ । ଯେତେବେଳେ ଜୀବନର ସବୁ କିଛି ଚାଲିଯିବ, କର୍ମମୟ ଜୀବନର ଅବସାନ ଘଟିବ, ସେତେବେଳେ ଈଶ୍ୱରଙ୍କ ବ୍ୟତୀତ ଆପଣଙ୍କ ପାଖରେ ଆଉ କିଛି ନ ଥିବ । ସେହି ସମୟରେ ଈଶ୍ୱରଙ୍କ ସହ ସଂପର୍କ ସ୍ଥାପନ କରିବା ଅପେକ୍ଷା ଆଗରୁ ସଂପର୍କ ଗଢ଼ିଥିବା ଶ୍ରେୟସ୍କର । ଏହାର ଅର୍ଥ ନୁହେଁ ଯେ, ଆପଣ ସ୍ୱର୍ଗକୁ ଯାଇପାରିବେ ନାହିଁ, ମାତ୍ର ଏକ ବିଜୟୀ ଜୀବନର ଆନନ୍ଦ ଉପଭୋଗ କରି ପାରିଲେ ନାହିଁ ।

ଗୋଟିଏ ବର୍ଷ ଆପଣ ଈଶ୍ୱରଙ୍କ ପାଇଁ ଛାଡ଼ିଦିଅନ୍ତୁ ବା ପୃଥକ କରିଦିଅନ୍ତୁ, ଯେପରି ସେ ଆପଣଙ୍କୁ ପ୍ରେମ କରିବେ । ନିଜର ଶକ୍ତିରେ ବିଶ୍ୱାସକୁ କାର୍ଯ୍ୟକାରୀ କରାଇବା ଚେଷ୍ଟାରୁ ନିବୃତ୍ତ ହୁଅନ୍ତୁ, ମାତ୍ର ବିଶ୍ୱାସର ଶକ୍ତି ପ୍ରୟୋଗକାରୀ ଈଶ୍ୱରଙ୍କ ଦାସ ବା ଦାସୀ ହୁଅନ୍ତୁ । ଗୋଟିଏ ସାନ ପିଲା ପରି ଆଚରଣ କରନ୍ତୁ । ଆପଣଙ୍କର ସ୍ୱର୍ଗସ୍ଥ ପିତାଙ୍କ କୋଳରେ ଆଶ୍ରୟ ନିଅନ୍ତୁ, ସେ ଆପଣଙ୍କୁ ଅତି ଆଦରରେ କୋଳେଇ ନେବେ । ଆପଣଙ୍କୁ ପ୍ରେମ କରିବା ପାଇଁ ତାଙ୍କୁ ସୁଯୋଗ ଦିଅନ୍ତୁ, ନଚେତ ଆପଣ ପ୍ରତିବଦଳରେ ତାଙ୍କୁ ପ୍ରେମ କରି ପାରିବେ ନାହିଁ । ଆପଣଙ୍କ ପାଇଁ ଏହା ମୋର ଉପଦେଶ ଓ ସୂଚନା ବା ପ୍ରସ୍ତାବ ।

୧ମ ଯୋହନ ୪:୧୬,

"ସେଥିପାଇଁ ଆମ ପ୍ରତି ଈଶ୍ୱରଙ୍କ ପ୍ରେମ ଅଛି ବୋଲି ଆମେ ଜାଣୁ ଓ ତହିଁ ଉପରେ ନିର୍ଭର କରୁ ..."

ଈଶ୍ୱର ଆପଣଙ୍କୁ କେତେ ପ୍ରେମ କରନ୍ତି, ସେ କଥା ଆଜି ସକାଳୁ ଉଠି କିଛି ସମୟ ଚିନ୍ତା କରିଛନ୍ତି କି? ନିଦ ଭାଙ୍ଗିବା କ୍ଷଣି ବିଛଣାରୁ ଉଠି ପଡ଼ି କାମରେ ଲାଗି ଯିବାକୁ ଇଚ୍ଛା ହୁଏ ନାହିଁ ।

ସେଥିପାଇଁ ବିଛଣାରେ କିଛି ସମୟ ପଡ଼ିରହି ସେହି ସମୟରେ ଆତ୍ମିକ ପୁରୁଷକୁ ଓ ଅଳସ ଶରୀରକୁ ଜଗାଇବା ନିମନ୍ତେ କୁହନ୍ତୁ – "ହେ, ପିତା, ତୁମେ ମୋତେ ଏତେ ପ୍ରେମ କରୁଥିବାରୁ ତୁମକୁ ଧନ୍ୟବାଦ ଦେଉଛି । ମୋ ନିମନ୍ତେ ଯୀଶୁ ଜୀବନ ଉତ୍ସର୍ଗ କରିଥିବାରୁ ଧନ୍ୟବାଦ ଦେଉଛି । ମୁଁ ପବିତ୍ର ଆତ୍ମାଙ୍କ ସଙ୍ଗତିରେ ରହିଥିବାରୁ ତୁମକୁ ଧନ୍ୟବାଦ ଦେଉଛି । ପୁନରୁତ୍‌ଥାନର ଶକ୍ତି ମୋ ମଧ୍ୟରେ ବସବାସ କରୁଥିବାରୁ ମୁଁ ତୁମକୁ ଧନ୍ୟବାଦ ଦେଉଛି । ଆଜି ମୁଁ ଯେଉଁ ଯେଉଁ ସ୍ଥାନକୁ ଯିବି, ସେଠାରେ ଯେପରି ଆଶୀର୍ବାଦର କାରଣ ହେବି, ସେଥିପାଇଁ ଅନୁଗ୍ରହ କର । ହେ ପ୍ରଭୁ, ତୁମେ ମୋତେ ପ୍ରେମ କର, ହେ ପିତା ଈଶ୍ୱର, ମୁଁ ତୁମ ପାଇଁ ବହୁମୂଲ୍ୟ, ମୁଁ ତୁମ ଚକ୍ଷୁର ପିତୁଳା, ତୁମ ପ୍ରେମରେ ମୁଁ ବିହ୍ୱଳ ।"

ଆପଣ ଈଶ୍ୱରଙ୍କ ପ୍ରେମ ଦ୍ୱାରା ପରିବେଷ୍ଟିତ ଓ ସିକ୍ତ, ଏ ବିଷୟ ଥରକୁ ଥର ନିଜକୁ କହି ଏହି ସତ୍ୟ ଉପଲବ୍ଧି କରନ୍ତୁ । ବାଇବଲ କହେ ଯେ, ଈଶ୍ୱର ତାଙ୍କ ହାତ ପାପୁଲିରେ ଆମର ଆକୃତିକୁ ଅଙ୍କନ କରିଛନ୍ତି (ଯିଶା. ୪୯:୧୬) । ମାନସ ଚକ୍ଷୁରେ ମୁଁ ଦେଖିପାରୁଛି, ଈଶ୍ୱର ତାଙ୍କ ହାତ ପାପୁଲି ଦେଖାଇ କହୁଛନ୍ତି – "ମୋର ସନ୍ତାନକୁ ମୋ' ହାତ ପାପୁଲିରେ ଦେଖ ! ସେ କେଡ଼େ ସୁନ୍ଦର ଦେଖାଯାଉଛି, ସେ ମୋର ଅତି ପ୍ରିୟ ।" ସେ ଆପଣଙ୍କୁ ପ୍ରେମ କରନ୍ତି ଓ ଆପଣ ତାଙ୍କର ହାତ ପାପୁଲି ମଧ୍ୟରେ ଅଛନ୍ତି, ଆଉ ତାହା ସ୍ମରଣ କରାଇ ଦିଏ ଯେ, ସେ ଆପଣଙ୍କୁ ପ୍ରେମ କରନ୍ତି ଓ ଆପଣଙ୍କ ସଙ୍ଗ ଲାଭ କରିବାକୁ ବ୍ୟାକୁଳ ଅଟନ୍ତି ।

ଈଶ୍ୱରଙ୍କ ନିକଟରେ ଧନ୍ୟବାଦ ଅର୍ପଣ କରିବାକୁ ଭୁଲିଯାଆନ୍ତୁ ନାହିଁ ଏବଂ ତାଙ୍କ ସହ ସହଭାଗିତାର ସଂପର୍କ ବଢ଼ାଇବାକୁ ଚେଷ୍ଟା କରନ୍ତୁ । ଈଶ୍ୱର ଆପଣଙ୍କୁ ପରିତ୍ରାଣ କରିଛନ୍ତି ବୋଲି ତାଙ୍କୁ ଆପଣ ଆଣ୍ଠୁ ଭାଙ୍ଗି ପ୍ରାର୍ଥନାରେ କେବଳ ଧନ୍ୟବାଦ ଦିଅନ୍ତୁ,

ପୁଣି ଆପଣଙ୍କ ପ୍ରତି ତାଙ୍କର ପ୍ରେମ, ଅନୁଗ୍ରହ ସ୍ମରଣ କରି ତାଙ୍କୁ କୃତଜ୍ଞତା ଜଣାନ୍ତୁ । ୧ମ ଯୋହନ ୪:୧୬,୧୭ ପଦ ପଢ଼ନ୍ତୁ, ସେଠାରେ ଏପରି ଲେଖାଯାଏ,

"... ଈଶ୍ୱର ପ୍ରେମ ସ୍ୱରୂପ । ଯେ କେହି ପ୍ରେମରେ ଜୀବନ ଯାପନ କରେ, ସେ ଈଶ୍ୱରଙ୍କଠାରେ ବାସ କରେ ଓ ଈଶ୍ୱର ତାହାଠାରେ ବାସ କରନ୍ତି । ବିଚାର ଦିନରେ ଆମେ ଯେପରି ଭରସା ଲାଭ କରିବୁ, ଏଥିପାଇଁ ପ୍ରେମ ଆମ ମଧ୍ୟରେ ପୂର୍ଣ୍ଣତା ଲାଭ କରିଛି, କାରଣ ସେ ଯେପରି, ଆମେ ଏହି ଜଗତରେ ଥାଉ ଥାଉ ସେହିପରି ହୋଇଛୁ।"

ଈଶ୍ୱରଙ୍କ ପ୍ରେମ ଉପଲବ୍ଧି କରିବା ଦ୍ୱାରା ତାଙ୍କ ଉପରେ ଆମର ଆସ୍ଥା ବୃଦ୍ଧି ପାଏ ଏବଂ ତାଙ୍କର ବିଶ୍ୱସ୍ତତା ଉପରେ ଭରସା ମଧ୍ୟ ବୃଦ୍ଧି ଲାଭ କରେ ।

ଆମ ଜୀବନରେ ଈଶ୍ୱରଙ୍କ ପ୍ରେମ ପ୍ରବାହିତ ହେବା ଦ୍ୱାରା ସୁଦୃଢ଼ ବିଶ୍ୱାସ, ପାପ ଉପରେ ବିଜୟଲାଭ, ସୁସ୍ଥତା, ସ୍ୱଚ୍ଛଳତା ଓ ଆନନ୍ଦରୂପ ଆଶୀର୍ବାଦଗୁଡ଼ିକ ଆମେ ଉପଲବ୍ଧି କରିଥାଉ। ଈଶ୍ୱରଙ୍କ ପ୍ରେମକୁ ଜୀବନରେ ଅନୁମୋଦନ କରିବା ଦ୍ୱାରା ହିଁ ଉପରୋକ୍ତ ଆଶୀର୍ବାଦ ଆସିଥାଏ । ଅନେକ ସମୟରେ ଆମେ ଭାବୁ, "ମୋତେ ହିଁ ଈଶ୍ୱରଙ୍କୁ ପ୍ରେମ କରିବାକୁ ହେବ" ଏବଂ ଫଳରେ ଆମ ଜୀବନରେ ଈଶ୍ୱରଙ୍କ ପ୍ରେମକୁ ଏଡ଼ାଇ ଦେଇଥାଉ। ଈଶ୍ୱରଙ୍କୁ ପ୍ରେମ କରିବାକୁ ହେଲେ ବା ଈଶ୍ୱରଙ୍କ ପ୍ରତି ଆପଣଙ୍କର ପ୍ରେମ ପ୍ରକାଶ କରିବାକୁ ହେଲେ ପ୍ରଥମେ ଈଶ୍ୱରଙ୍କ ହାତରେ ନିଜକୁ ସଂପୂର୍ଣ୍ଣ ସମର୍ପଣ କରିଦେବାକୁ ହେବ, ଯେପରି ସେ ଆପଣଙ୍କୁ ପ୍ରେମ କରିପାରିବେ ।

ମୁଁ ଆପଣଙ୍କୁ କହିଦେଇ ପାରିବି ଯେ, ଈଶ୍ୱରଙ୍କ ସହ ସହଭାଗିତା ରଖନ୍ତୁ, କାରଣ ଏହା ଆପଣଙ୍କର ଜରୁରୀ ଆବଶ୍ୟକ, କିନ୍ତୁ ଆପଣ ଏହା କିପରି କରି ପାରିବେ ? ମୋତେ ଯେତେବେଳେ ଈଶ୍ୱର ଏହି ସହଭାଗିତା ବିଷୟ କହିଥିଲେ, ମୁଁ ଚୌକିରେ ଯାଇ ବସି ପଡ଼ି ଈଶ୍ୱରଙ୍କୁ ପଚାରିଥିଲି, "ପ୍ରଭୁ, ବର୍ତ୍ତମାନ କ'ଣ କରିବି?" ଈଶ୍ୱରଙ୍କ ସହ କିପରି ସହଭାଗିତା ରଖିବାକୁ ହେବ, ସେ ସମୟରେ ମୁଁ ଜାଣି ନ ଥିଲି, ମୋ ପ୍ରତି ଈଶ୍ୱରଙ୍କ ପ୍ରେମର ଗଭୀରତା ବିଷୟ ମଧ୍ୟ ଜାଣି ନ ଥିଲି ।

ଯେଉଁମାନେ ଆପଣଙ୍କୁ ଭଲପାଆନ୍ତି କିଅବା ପସନ୍ଦ କରନ୍ତି କି ନାହିଁ ବୋଲି ଆପଣ ଜାଣି ନ ଥାଆନ୍ତି, ସେମାନଙ୍କ ପ୍ରତି ଆପଣ ନିଜର ପ୍ରେମ ମନୋଭାବକୁ କିପରି ପ୍ରକାଶ କରିଥାଆନ୍ତି? ସେମାନଙ୍କ ପ୍ରତିକ୍ରିୟା ବିଷୟରେ ଆପଣ ସନ୍ଦିହାନ ଥାଆନ୍ତି, ନୁହେଁ କି? ଯେଉଁମାନେ ଆପଣଙ୍କୁ ପ୍ରେମ କରନ୍ତି ଓ ଆପଣଙ୍କୁ ଆଦରରେ ଗ୍ରହଣ କରନ୍ତି, ସେମାନଙ୍କ ବିଷୟରେ ଆପଣଙ୍କ ମନରେ କୌଣସି ଦ୍ୱିଧା ଭାବ ନ ଥାଏ। ଉଦାହରଣ ସ୍ୱରୂପ, ମୋର ସ୍ୱାମୀଙ୍କ ସହ ମୁଁ ନିର୍ବିଘ୍ନରେ କଥାବାର୍ତ୍ତା ଓ ଆଚାରବ୍ୟବହାର କରିଥାଏ, କାରଣ ମୁଁ ଜାଣେ ସେ ମୋତେ ପ୍ରେମ କରନ୍ତି, କିନ୍ତୁ ଅନ୍ୟମାନଙ୍କ ସହ ମୁଁ ସେପରି ବ୍ୟବହାର କରିପାରିବି ନାହିଁ । ଈଶ୍ୱରଙ୍କ ସହ ଆମର ସଂପର୍କ ଠିକ୍ ସ୍ୱାମୀ ସ୍ତ୍ରୀର ସଂପର୍କ ପରି ହେବା ଆବଶ୍ୟକ – କୌଣସି ବାଧା ନାହିଁ, କୌଣସି ଦ୍ୱିଧାଭାବ ନାହିଁ, କେବଳ ଅନାବିଳ ପ୍ରେମ ।

ଆସନ୍ତୁ, ନୂତନ ପଦକ୍ଷେପ ନେଉ ଓ ଈଶ୍ୱରଙ୍କ ପ୍ରେମକୁ ଆମ ଜୀବନରେ କାର୍ଯ୍ୟକାରୀ ହେବା ପାଇଁ ସୁଯୋଗ ଦେଉ । ତାଙ୍କ ସହ କିପରି ସହଭାଗିତା ରଖିବାକୁ ହେବ, ତାହା ସେ ଶିଖାଇଦେବେ । ନିଜକୁ ଏହି ପ୍ରଶ୍ନ ବର୍ତ୍ତମାନ ପଚାରନ୍ତୁ – "ମୁଁ କ'ଣ ଈଶ୍ୱରଙ୍କ ସହ ନିଜକୁ ଆଶ୍ୱସ୍ତ ଅନୁଭବ କରେ ? କିମ୍ବା (ଈଶ୍ୱରଙ୍କ ସହଭାଗିତାରେ ମୁଁ ଏକ ସ୍ୱଚ୍ଛନ୍ଦ ମନୋଭାବ ଅନୁଭବ କରେ କି ?)"

ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ।

# 4

## ପ୍ରେମ, ଭରସା ଓ ବିଶ୍ୱାସ

"କାରଣ ଖ୍ରୀଷ୍ଟ ଯୀଶୁଙ୍କଠାରେ ସୁନ୍ନତ କି ଅସୁନ୍ନତ, କୌଣସିଟିର ମୂଲ୍ୟ ନାହିଁ, କିନ୍ତୁ ପ୍ରେମ ମାଧ୍ୟମରେ ପ୍ରକାଶିତ ବିଶ୍ୱାସ ହିଁ ସାର ।"

–ଗାଲାତୀୟ ୫:୬

ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶ ସମୟ ଖର୍ଚ୍ଚ ବା ନଷ୍ଟକରି ବିଶ୍ୱାସ ପାଇବା ପାଇଁ ଅନେକ ଚେଷ୍ଟା କରିଥାଉ । ଆମେ ଜାଣୁ ଯେ ବିଶ୍ୱାସ ବିନା ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ଅସମ୍ଭବ (ଏବ୍ରୀ ୧୧:୬), ସେଥିପାଇଁ ଅଧିକ ବିଶ୍ୱାସ ପାଇବା ପାଇଁ ଆମେ ବହୁ ଚେଷ୍ଟା କରିଥାଉ । ମାତ୍ର ବିଶ୍ୱାସ ହୃଦୟର ବିଷୟ ଓ ଏହା ଈଶ୍ୱରଙ୍କ ସହ ଏକ ପ୍ରେମପୂର୍ଣ୍ଣ ସହଭାଗିତାର ସଂପର୍କରୁ ମିଳିଥାଏ । ମୁଁ ଆପଣଙ୍କୁ ବିଶ୍ୱାସ କରିବାକୁ ଶିଖାଇ ପାରିବି ନାହିଁ, ମାତ୍ର ବିଶ୍ୱାସର ନିୟମାବଳୀ ଶିଖାଇ ଦେଇପାରିବି ଏବଂ ତାହା ପାଇବା ପାଇଁ ଆପଣଙ୍କୁ ଏତେ କ୍ଷୁଧିତ କରାଇ ଦେବି ଯେପରି ଯେକୌଣସି ଉପାୟରେ ତାହା ହାସଲ କରିବାକୁ ଆପଣ ଇଚ୍ଛା କରିବେ । କେବଳ ଈଶ୍ୱରଙ୍କ ଅନୁମୋଦନ ଦ୍ୱାରା ଏହା ସମ୍ଭବ ହୋଇପାରିବ ।

ବିଶ୍ୱାସ ପାଇବା ପାଇଁ ଓ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ପାଇଁ ଆପଣ ଯେଉଁ ଆପ୍ରାଣ ଚେଷ୍ଟା ଚଳାଇଛନ୍ତି, ସେଥିରୁ ନିବୃତ୍ତ ହୋଇ ସେହି ସମୟ ଓ ଚେଷ୍ଟାକୁ ଈଶ୍ୱରଙ୍କ ସାନିଧ୍ୟ ଲାଭ କରିବାରେ ଖଟାନ୍ତୁ । ତାଙ୍କୁ ପ୍ରେମ କରିବାକୁ ଓ ସେ ତୁମକୁ ପ୍ରେମ କରିବାକୁ ସମୟ ଦିଅନ୍ତୁ ।

"ଆମେ ଦୃଶ୍ୟ ବିଷୟ ଦ୍ୱାରା ଜୀବନ ଯାପନ ନ କରି ବିଶ୍ୱାସ ଦ୍ୱାରା ଜୀବନ ଯାପନ କରୁଛୁ ।"

୨ କରିନ୍ଥୀ ୫:୭

ଥରେ ଏହି ଶାସ୍ତ୍ରାଂଶ ପଢୁଥିବା ସମୟରେ କିଛି ନିଗୁଢ଼ ବିଷୟ ଈଶ୍ୱର ମୋ ନିକଟରେ ପ୍ରକାଶ କଲେ । ମୁଁ ବିଶ୍ୱାସରେ ଜୀବନ କାଟିବାକୁ ଚେଷ୍ଟା କରୁଛି । ମୋ ଜୀବନର ପ୍ରତ୍ୟେକ ଛୋଟବଡ଼ ବିଷୟ ପାଇଁ ମୁଁ ବିଶ୍ୱାସରେ ଚାଲିବାକୁ ଚାହେଁ । ୨ କରିନ୍ଥୀ ୫:୭ ରେ ଲେଖାଯାଏ –"ଆମେ ଦୃଶ୍ୟ ବିଷୟ ଦ୍ୱାରା ଜୀବନ ଯାପନ ନ କରି ବିଶ୍ୱାସ ଦ୍ୱାରା ଜୀବନ ଯାପନ କରୁଛୁ ।"

ଅନ୍ୟ ଅର୍ଥରେ କହିବାକୁ ଗଲେ, *ଈଶ୍ୱରଙ୍କ ସହ ମୋର ସଂପର୍କ ବିଷୟରେ ମୋର ଯେପରି ଧାରଣା ଅଛି ସେହି ଧାରଣାର ଭିତ୍ତିରେ ମୁଁ ବିଶ୍ୱାସର ଜୀବନ କାଟିବାକୁ ସମର୍ଥ ହେବି ।* ଆପଣ ବୁଝିପାରୁଛନ୍ତି କି ? ଜଣେ ବ୍ୟକ୍ତି ଯଦି ନିଜକୁ ଅଧାର୍ମିକ ବୋଲି ଭାବେ, ତେବେ ସେ ବିଶ୍ୱାସରେ ଚାଲିବା କଥା ମଧ୍ୟ ଭୁଲିଯିବ । ସେହିପରି ଜଣେ ବ୍ୟକ୍ତି ଯଦି ନିଜକୁ ଧୂଳିର କୀଟ ବୋଲି ମନେକରି ଭାବେ ଯେ, ଈଶ୍ୱର ତାକୁ ପ୍ରେମ କରନ୍ତି ନାହିଁ, ସେ ମଧ୍ୟ ବିଶ୍ୱାସରେ ଜୀବନ କାଟିବା କଥା ଭୁଲିଯିବ । ଅନେକେ ବିଶ୍ୱାସରେ ଜୀବନ କାଟିବାକୁ ଚେଷ୍ଟା କରିଥାନ୍ତି, ମାତ୍ର ତାଙ୍କ ହୃଦୟରେ ଅନ୍ୟାନ୍ୟ ବିଷୟ ସବୁ ନ ଥାଏ ।

ଗାଲାତୀ ୫:୬ରେ ଲେଖାଯାଏ, ପ୍ରେମ ଦ୍ୱାରା ବିଶ୍ୱାସ କାର୍ଯ୍ୟ କରେ । ଈଶ୍ୱର ମୋ ହୃଦୟରେ ଏହି କଥା କହିଲେ, "ତୁମେ ଅନ୍ୟମାନଙ୍କୁ ପ୍ରେମ ନ କଲେ ତୁମର ବିଶ୍ୱାସ କାର୍ଯ୍ୟକାରୀ ହେବ ନାହିଁ, ତାହା ଏହି ଶାସ୍ତ୍ରାଂଶ ପ୍ରକାଶ କରୁଛି, ବୋଲି ଏହା ଅଧିକାଂଶ ଭାବନ୍ତି । ବାକ୍ୟାଂଶଟିର ଅର୍ଥ ତାହା ନୁହେଁ । ପ୍ରକୃତ ଅର୍ଥ ହେଉଛି, ମୁଁ ସେମାନଙ୍କୁ କେତେ ପ୍ରେମ କରେ, ତାହା ସେମାନେ ଉପଲବ୍ଧି କରି ନ ପାରିଲେ ତାଙ୍କର ବିଶ୍ୱାସ କାର୍ଯ୍ୟକାରୀ ହେବ ନାହିଁ ।" ପ୍ରେମ ବିନା ବିଶ୍ୱାସ କାର୍ଯ୍ୟକାରୀ ହୋଇ ପାରେ ନାହିଁ । ଏହାର ଅର୍ଥ ନୁହେଁ, ଅନ୍ୟମାନଙ୍କୁ ପ୍ରେମ କରିବା ପାଇଁ

ତୁମର ସାମର୍ଥ୍ୟର ଆବଶ୍ୟକତା ରହିଛି, ମାତ୍ର ସର୍ବଶକ୍ତିମାନ ଈଶ୍ୱର ଯେପରି ତୁମକୁ ପ୍ରେମ କରିବେ, ସେଥିପାଇଁ ନିଜକୁ ତାଙ୍କ ନିକଟରେ ସଂପୂର୍ଣ୍ଣ ସମର୍ପଣ କରିଦେବାର ମନୋବୃତ୍ତି ଆବଶ୍ୟକ ।

ଏହି ବିଷୟର ଏକ ବଡ଼ ପାର୍ଥକ୍ୟ ରହିଛି । ଈଶ୍ୱରଙ୍କୁ ବିଶ୍ୱାସ ଓ ଭରସା କରିବା ଏବଂ ବିଶ୍ୱାସରେ ଜୀବନ କାଟିବା, ଯାହାର ଅର୍ଥ, ଈଶ୍ୱରଙ୍କ ଉପରେ ସଂପୂର୍ଣ୍ଣ ଆଉଜି ପଡ଼ିବା ଓ ସବୁ ବିଷୟରେ ତାଙ୍କ ଉପରେ ବିଶ୍ୱାସ ରଖିବା । ଯେଉଁ ବ୍ୟକ୍ତି ଆମକୁ ପ୍ରେମ କରେ ନାହିଁ, ତାହା ସହିତ ଆମେ ଏପରି ସଂପର୍କ ରଖିପାରିବା ନାହିଁ । ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ବୋଲି ଆପଣ ଯେ ପର୍ଯ୍ୟନ୍ତ ଉପଲବ୍ଧି ନ କରିଛନ୍ତି, ସେପର୍ଯ୍ୟନ୍ତ ଆପଣ ଈଶ୍ୱରଙ୍କୁ ଭରସା କରିବାକୁ ସମର୍ଥ ହୋଇପାରିବେ ନାହିଁ ।

ଈଶ୍ୱର ଆପଣଙ୍କୁ କେତେ ପ୍ରେମ କରନ୍ତି, ଏହା ଯଦି ଆପଣ ପ୍ରକୃତରେ ଜାଣନ୍ତେ, ତେବେ ଅତି ସହଜରେ ସୁସ୍ଥତା ପାଇପାରନ୍ତେ । ଆପଣଙ୍କର ଆର୍ଥିକ ସମସ୍ୟାର ମଧ୍ୟ ଆଶୁ ସମାଧାନ ହୋଇଯାଆନ୍ତା ।

ଈଶ୍ୱର ଆପଣଙ୍କୁ ଏହି ସବୁ ବିଷୟ ଦେବାକୁ ଚାହାଁନ୍ତି ବୋଲି ଆପଣ ସଂପୂର୍ଣ୍ଣଭାବେ ବିଶ୍ୱାସ କରନ୍ତି ନାହିଁ, ଏଣୁ ତାହା ଆପଣ ପାଆନ୍ତି ନାହିଁ । ଆପଣ ହୁଏତ କହୁଛନ୍ତି, "ମୁଁ ବିଶ୍ୱାସ କରିବାକୁ ଚାହେଁ, ମାତ୍ର କିପରି ବିଶ୍ୱାସ କରିବି?"

ଈଶ୍ୱରଙ୍କ ପ୍ରେମ ଆପଣଙ୍କର ଅନ୍ତର ମଧ୍ୟରେ ଅଛି, ଆପଣ କେବଳ ସେ ବିଷୟରେ ସଚେତନ ହେବା ଆବଶ୍ୟକ । ବାଇବଲ କହେ, "ଆମେ ତାଙ୍କୁ ପ୍ରେମ କରୁ, କାରଣ ସେ ଆମକୁ ପ୍ରଥମେ ପ୍ରେମ କଲେ" (୧ମ ଯୋହନ ୪:୧୯) । ଈଶ୍ୱର ଆପଣଙ୍କୁ ପ୍ରଥମେ ପ୍ରେମ କଲେ, ଏହି ବିଷୟ ଯେ ପର୍ଯ୍ୟନ୍ତ ଯାଏ ଆପଣ ଦୃଢ଼ଭାବେ ଉପଲବ୍ଧି ନ କରିଛନ୍ତି, ସେ ପର୍ଯ୍ୟନ୍ତ ଈଶ୍ୱରଙ୍କୁ ପ୍ରେମ କରିବା ଆପଣଙ୍କ ପକ୍ଷରେ ଅସମ୍ଭବ ।

ଆପଣଙ୍କ ହୃଦୟ ଓ ମନରେ ଈଶ୍ୱରଙ୍କ ପ୍ରେମ ଲେଖି ହୋଇ ରହିଛି । ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି । ତାଙ୍କ ଦୃଷ୍ଟିରେ ଆପଣ ବହୁମୂଲ୍ୟ, ଆପଣ ଅତି ମନୋରମ,

ଆପଣ ଅନନ୍ୟ । ଏହି ଜଗତରେ ଈଶ୍ୱରଙ୍କ ପରି କେହି ଆପଣଙ୍କୁ ପ୍ରେମ କରିପାରିବ ନାହିଁ ।

ଆପଣଙ୍କ ଜୀବନରେ ଅନ୍ୟ କେହି ନୁହେଁ, ମାତ୍ର ଈଶ୍ୱର ହିଁ ଆବଶ୍ୟକ ଏବଂ ସେ ଆପଣଙ୍କ ଜୀବନରେ ଅନ୍ୟମାନଙ୍କୁ ଯୋଗାଇବେ। ପ୍ରକୃତରେ କହିବାକୁ ଗଲେ ଆପଣଙ୍କ ଜୀବନରେ କେହି ନ ଥାଇ କେବଳ ଈଶ୍ୱର ଥିଲେ ଆପଣଙ୍କର କୌଣସି ଅସୁବିଧା ବା ଚିନ୍ତା ନାହିଁ, ଆପଣଙ୍କ ଜୀବନ ସୁରୁଖୁରୁରେ କଟିଯିବ । ଈଶ୍ୱର ଆପଣଙ୍କର ସର୍ବୋତ୍ତମ ଅନ୍ତରଙ୍ଗ ବନ୍ଧୁ ହେବେ । ଆପଣଙ୍କର କେହି ସାଥୀ ନ ଥିଲେ ସେ ଆପଣଙ୍କର ସାଥୀ ହେବେ । ଆପଣଙ୍କର ପିତା ବା ମାତା ନ ଥିଲେ ସେ ସେହି ଅଭାବ ପୂରଣ କରିବେ ।

ଈଶ୍ୱର ଆପଣଙ୍କୁ ସେତେ ଅଧିକ ପ୍ରେମ କରନ୍ତି । ସେଥିପାଇଁ ଆପଣ ତାଙ୍କୁ ଯେ କୌଣସି ବିଷୟ ପାଇଁ ବିଶ୍ୱାସ କରିପାରିବେ । ସେ ଚାହାନ୍ତି ଆପଣ ତାଙ୍କ ପ୍ରେମ ବିଷୟ ଉପଲବ୍ଧି କରନ୍ତୁ ଓ ତାଙ୍କ ପ୍ରେମ ଚାଖନ୍ତୁ । ଯେ ପର୍ଯ୍ୟନ୍ତ ଆପଣ ଏହା ବ୍ୟକ୍ତିଗତ ଭାବେ ଉପଲବ୍ଧି ନ କରିଛନ୍ତି, ସେ ପର୍ଯ୍ୟନ୍ତ ବିଶ୍ୱାସରେ ତାଙ୍କଠାରୁ କିଛି ବିଷୟ ପାଇପାରିବେ ନାହିଁ ।

ଈଶ୍ୱରଙ୍କ ପ୍ରେମକୁ ଜୀବନରେ ଉପଲବ୍ଧି କରିବା ଦ୍ୱାରା ହିଁ ବିଶ୍ୱାସ କାର୍ଯ୍ୟକାରୀ ହୋଇଥାଏ । ଅନ୍ୟ କାହାକୁ ପ୍ରେମ କରିବା ଦ୍ୱାରା ଏହା କାର୍ଯ୍ୟକାରୀ ହୋଇ ନ ଥାଏ। ଈଶ୍ୱରଙ୍କ ପ୍ରେମକୁ ଜୀବନରେ ଅନୁଭବ କରନ୍ତୁ ଓ ଦିନ ଭିତରେ ଥରକୁ ଥର ଈଶ୍ୱରଙ୍କ ସହ ଆଳାପ କରି କୁହନ୍ତୁ, "ହେ ପ୍ରଭୁ, ମୁଁ ଜାଣେ ତୁମେ ମୋତେ ପ୍ରେମ କର । ହାଲିଲୁୟା । ହେ ପିତଃ, ମୁଁ ତୁମର ପ୍ରଶଂସା କରୁଛି ଓ ତୁମ ନାମର ଗୌରବ କରୁଛି।"

ସ୍ମିଥ୍ ୱିଗ୍ଲେସ ଓ୍ୱର୍ଥ ପ୍ରଭୁଙ୍କର ଜଣେ ମହାନ୍ ଦାସ ଥିଲେ । କେହି ଜଣେ ତାଙ୍କୁ ପଚାରିଲେ, ସେ ପ୍ରାର୍ଥନାରେ କେତେ ସମୟ କାଟନ୍ତି । ସେ ଉତ୍ତର ଦେଲେ, "୩୦ ମିନିଟ୍‌ରୁ ଅଧିକ ମୁଁ ପ୍ରାର୍ଥନା କରେ ନାହିଁ, କିନ୍ତୁ କ୍ୱଚିତ୍ ପ୍ରାର୍ଥନା ନ କରି ମୁଁ ୩୦ ମିନିଟ୍

କରିଥାଏ ।" ସେ କହିଲେ, ଯଦି କେବେ ପନ୍ଦର ମିନିଟ୍ ମୁଁ ଈଶ୍ୱରଙ୍କ ସଙ୍ଗେ କୌଣସି ଆଳାପ ନ କରି ରହିଛି, ତେବେ ମୋତେ ଅନୁତାପ କରିବାକୁ ହୁଏ ।

ଆମେ ଭୂଲ୍ ଉପାୟରେ ଅନେକ କିଛି ହାସଲ କରିବାକୁ ଚେଷ୍ଟା କରିଥାଉ । ଆପଣ କାର୍ଯ୍ୟ ଦ୍ୱାରା ଈଶ୍ୱରଙ୍କୁ ସନ୍ତୁଷ୍ଟ କରି ନ ପାରନ୍ତି, ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି, ତେଣୁ ସେ ଆପଣଙ୍କୁ ଆଶୀର୍ବାଦ କରିବେ । ଆପଣଙ୍କୁ ସେ ଯେପରି ପରିତ୍ରାଣ ଦେଇଛନ୍ତି, ସେହିପରି ସେ ସବୁକିଛି ଦେବେ ।

ଆପଣଙ୍କ ପରିବାରର କେହି ସଦସ୍ୟ ବା ଆପଣଙ୍କର କେହି ପରିଚିତଙ୍କୁ ଆପଣ କୌଣସି କର୍ମ କରିବା ଦ୍ୱାରା ପରିତ୍ରାଣ ପଥକୁ ନେଇ ପାରିବ ନାହିଁ । ଈଶ୍ୱରଙ୍କ ପ୍ରେମ କେବଳ ଏହା ସାଧନ କରିପାରେ । ଆପଣ ପ୍ରଭୁଙ୍କ ପ୍ରେମରେ ସିକ୍ତ ହୋଇଯାଆନ୍ତୁ । ଏହାର ପ୍ରତିକ୍ରିୟା ଅନ୍ୟକୁ ପ୍ରେମ ପ୍ରଦର୍ଶନ କରିବ । ଆପଣଙ୍କ ଜୀବନରେ ତାହା ପ୍ରତିଫଳିତ ହେବ । ବାଇବଲ କହେ, ଆପଣଙ୍କର ବାକ୍‌ଚାତୁରୀ ଓ ଅଭିନବ ଉପାୟ ଦ୍ୱାରା ନୁହେଁ, ମାତ୍ର ଅନ୍ୟକୁ ଖ୍ରୀଷ୍ଟଙ୍କ ପ୍ରେମରେ ପ୍ରେମ କରିବା ଦ୍ୱାରା ହିଁ ଆପଣ ସେମାନଙ୍କୁ ଯୀଶୁଙ୍କ ନିକଟକୁ ଆକର୍ଷିତ କରିପାରିବେ । ଈଶ୍ୱରଙ୍କ ଆତ୍ମା ତାଙ୍କ ପ୍ରେମର ଆକର୍ଷଣରେ ଆପଣଙ୍କ ପରିବାରର ସଦସ୍ୟମାନଙ୍କୁ ଆକର୍ଷିତ କରିବେ । ଈଶ୍ୱରଙ୍କ ପ୍ରେମକୁ ଆପଣ ନିଜ ଜୀବନରେ ଅନୁଭବ ନ କରିବା ପର୍ଯ୍ୟନ୍ତ ଅନ୍ୟମାନଙ୍କୁ କଦାପି ସେହି ପ୍ରେମରେ ପ୍ରେମ କରିପାରିବେ ନାହିଁ ।

ଏଫିସୀୟ ୨:୮ ପଦ କହେ, "କାରଣ ବିଶ୍ୱାସରେ ଅନୁଗ୍ରହ ଦ୍ୱାରା ତୁମ୍ଭେମାନେ ପରିତ୍ରାଣ ପାଇଛ..." ପରିତ୍ରାଣ ପାଇବା ପାଇଁ ଆପଣଙ୍କୁ କିଛି କରିବାକୁ ହୋଇନାହିଁ, ଏ କଥା ଆପଣ ଉପଲବ୍ଧି କରୁଛନ୍ତି କି? ଯୀଶୁ ଯେତେବେଳେ ଆମମାନଙ୍କୁ ଉଦ୍ଧାର କଲେ, ଆମେ ସେତେବେଳେ ଅତି ଘୃଣ୍ୟ ଅବସ୍ଥାରେ ଥିଲୁ, ସେଥିପାଇଁ ନିଶ୍ଚିତ ଭାବେ ଆମର କୌଣସି ଉତ୍ତମ କାର୍ଯ୍ୟ ଉପରେ ପରିତ୍ରାଣ ପାଇବା ନିର୍ଭର କରେ ନାହିଁ । ଏହା କେବଳ ଗୋଟିଏ ବିଷୟ ଉପରେ ନିର୍ଭର କରେ – ଈଶ୍ୱର ଆମ୍ଭମାନଙ୍କୁ ଏତେ ପ୍ରେମ କଲେ ଯେ, ସେ ଆପଣାର ଏକମାତ୍ର ଅଦ୍ୱିତୀୟ ପୁତ୍ରଙ୍କୁ ଦାନ

କଲେ, ଯେପରି ଯେ କେହି ତାଙ୍କଠାରେ ବିଶ୍ୱାସ କରିବ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ଲାଭ କରିବ (ଯୋହନ ୩:୧୬) ।

ଆପଣଙ୍କ ଜୀବନରେ ସବୁ ଆବଶ୍ୟକତା ପୂର୍ଣ୍ଣ କରିବା ପାଇଁ ଈଶ୍ୱରଙ୍କର ଇଚ୍ଛାକୁ ଅନୁଗ୍ରହର ଆଖ୍ୟା ଦିଆ ଯାଇ ପାରିବ । ଈଶ୍ୱର ଅନୁଗ୍ରହ ଦ୍ୱାରା ଆପଣଙ୍କୁ ପରିତ୍ରାଣ କରିବା ନିମନ୍ତେ ଯେପରି ଯଥେଷ୍ଟ ବିଶ୍ୱାସ ଦେଲେ, ସେହିପରି ସେ ଯେ ଆପଣଙ୍କର ସୃଷ୍ଟିକାରୀ ଈଶ୍ୱର ଓ ଜୀବନର ସବୁ ଆବଶ୍ୟକତା ପୂର୍ଣ୍ଣକାରୀ ଈଶ୍ୱର, ଏହା ଉପଲବ୍ଧି କରିବା ପାଇଁ ଆପଣଙ୍କୁ ଯଥେଷ୍ଟ ବିଶ୍ୱାସ ମଧ୍ୟ ପ୍ରଦାନ କରିବେ ।

ଆପଣଙ୍କର ପରିତ୍ରାଣ ପାଇଁ ଈଶ୍ୱର ଯେଉଁ ବିଶ୍ୱାସ ଆପଣଙ୍କୁ ଦାନ କଲେ, ତାହା ଯଦି ସବୁ ପାପରୁ ଆପଣଙ୍କୁ ଉଦ୍ଧାର କରିବା ପାଇଁ ଯଥେଷ୍ଟ ହେଲା, ଆଉ ସେହି ସମାନ ବିଶ୍ୱାସ ଯଦି ଆପଣଙ୍କ ଅନ୍ତଃକରଣ ମଧ୍ୟରେ ସଂସ୍ଥାପିତ ହୋଇଛି ତେବେ ସାରା ଜୀବନ ତାହା ଆପଣଙ୍କର ଅନ୍ୟ ସବୁ ଅଭାବ ମୋଚନ କରିବାକୁ ସମର୍ଥ ଅଟେ । ଈଶ୍ୱର ଆପଣଙ୍କୁ ପ୍ରେମ କରୁଛନ୍ତି ବୋଲି ଆପଣ ଯଦି ପ୍ରକୃତରେ ବିଶ୍ୱାସ କରୁଛନ୍ତି ତେବେ ଆପଣ ତାଙ୍କ ଉପରେ ଭରସା କରିବାକୁ ମଧ୍ୟ ଆରମ୍ଭ କରିବେ । ଈଶ୍ୱରଙ୍କ ବାକ୍ୟର ସତ୍ୟତା ଉପରେ ମଧ୍ୟ ଆପଣଙ୍କର ହୃଦ୍‌ବୋଧ ହେବ । ସେ ଆପଣଙ୍କୁ ପ୍ରେମ କରନ୍ତି, ସେଥିପାଇଁ ସେ ଆପଣଙ୍କୁ କେବେହେଲେ ମିଛ କହିବେ ନାହିଁ ବା ଠକାଇବେ ନାହିଁ, ଏହି ବିଷୟ ଆପଣ ନିଶ୍ଚିତ ଭାବେ ହୃଦୟଙ୍ଗମ କରିବେ ।

*Amplified Bible* ର ଅନୁବାଦ ଅନୁସାରେ "ବିଶ୍ୱାସ" ହେଉଛି, "ନିଜର ସମସ୍ତ ବ୍ୟକ୍ତିତ୍ୱକୁ ଈଶ୍ୱରଙ୍କ ଉପରେ ଆଉଜାଇ ଦେବା", "ତାଙ୍କ ଶକ୍ତି, ଜ୍ଞାନ ଓ ଉତ୍ତମତା ଉପରେ ସଂପୂର୍ଣ୍ଣ ଭରସା ଓ ଆସ୍ଥା ରଖିବା" (କଲସୀ ୧:୪) । ଈଶ୍ୱରଙ୍କ ପ୍ରେମ ଉପଲବ୍ଧି କରିବା ପରେ ତାଙ୍କୁ ପ୍ରେମ କରିବାକୁ ଓ ଭରସା କରିବାକୁ ଆପଣ ଶିଖିବେ ଏବଂ ଆପଣଙ୍କର ବିଶ୍ୱାସ ମଧ୍ୟ ବୃଦ୍ଧି ଲାଭ କରିବ ।

ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ।

# 5

# ଭୟରୁ ମୁକ୍ତି

"ପ୍ରେମରେ ଭୟ ନ ଥାଏ, କିନ୍ତୁ ସିଦ୍ଧ ପ୍ରେମ ଭୟକୁ ଦୂର କରେ, କାରଣ ଭୟ ଦଣ୍ଡ ସହିତ ସଂଯୁକ୍ତ, ଆଉ ଯେ ଭୟ କରେ, ସେ ପ୍ରେମରେ ସିଦ୍ଧ ନୁହେଁ"

–୧ ଯୋହନ ୪:୧୮ ।

ଈଶ୍ୱର ଆମକୁ ପ୍ରେମ କରନ୍ତି, ଏହି ଭରସାରେ ଆମେ ସାଧାରଣତଃ ବିଶ୍ୱାସରେ ଦୃଢ ରହି ଜୀବନ କାଟୁଥାଉ । ଅଚାନକ ଆମ ଉପରେ ଆକ୍ରମଣ ହୁଏ ।

ଆମ ଜୀବନରେ ଘଟୁଥିବା ବିପରୀତ ପରିସ୍ଥିତି, ଅଚାନକ ବିପତ୍ତି ଆମ ବିଶ୍ୱାସ ଜୀବନର ମହା ଶତ୍ରୁ । ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି, ଏହା ବିଶ୍ୱାସ କରିବାକୁ ଆପଣଙ୍କୁ ହୁଏତ ବେଶୀ ଅସୁବିଧା ହୋଇ ନାହିଁ, ମାତ୍ର ଅନେକ ସମୟରେ ବିପରୀତ ପରିସ୍ଥିତି ସୂଚାଇଦିଏ ଯେ, ସେ ଆପଣଙ୍କୁ ପ୍ରେମ କରନ୍ତି ନାହିଁ ।

ସେହି ସମୟରେ ଭୟ ଜନ୍ମାଇ ଓ ଦୋଷୀ ସାବ୍ୟସ୍ତ କରି ଶୟତାନ ପ୍ରବେଶ କରେ, ପୁଣି ଈଶ୍ୱରଙ୍କ ପ୍ରେମ ହେତୁ ଆପଣ ଯେଉଁ ମୁକ୍ତି ଲାଭ କରିଛନ୍ତି, ତାହା ଆପଣଙ୍କଠାରୁ ଛଡ଼ାଇ ନେବାକୁ ଚେଷ୍ଟା କରି କହେ, "ଆଚ୍ଛା, ତୁମ ଜୀବନରେ ଏ କ'ଣ ହେଲା? ଈଶ୍ୱର ତୁମକୁ ପ୍ରେମ କରନ୍ତି ବୋଲି ମୁଁ ଭାବିଥିଲି । ତୁମ ଜୀବନରେ ତେବେ ଏହିପରି ମନ୍ଦ ଅବସ୍ଥା କାହିଁକି ଆସିଛି? ତୁମେ ନିଶ୍ଚୟ କିଛି ଭୟଙ୍କର ଦୋଷ କରିଛ, ସେଥିପାଇଁ ଈଶ୍ୱର ତୁମ ଉପରେ ଅତ୍ୟନ୍ତ କ୍ରୁଦ୍ଧ/ବିରକ୍ତ ।"

ସେତେବେଳେ ଆପଣ ଈଶ୍ୱରଙ୍କ ଉପରେ ଭରସା ହରାଇ ବସନ୍ତି ଏବଂ ଆପଣଙ୍କର ଭରସା ବିନା ଈଶ୍ୱର କିଛି ହିଁ ସାହାଯ୍ୟ କରି ପାରନ୍ତି ନାହିଁ । ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି, ଏହା ନ ଜାଣିଲେ ଆପଣଙ୍କର ସଂପୂର୍ଣ୍ଣ ଭରସା ଓ ବିଶ୍ୱାସ ଆସିବ ନାହିଁ । ଶୟତାନ ଆଣିଥିବା ଭୟ ଓ ଦୋଷୀ ମନୋଭାବର ବୋଝକୁ ଯଦି ଆପଣ ଗ୍ରହଣ କରି ନିଅନ୍ତି, ତେବେ ଈଶ୍ୱରଙ୍କ ପ୍ରେମର କଳନା କରି ପାରିବେ ନାହିଁ ।

ପ୍ରଥମ ଯୋହନ ୪:୧୮ ପଦ ଏକ ଶକ୍ତିଶାଳୀ ବିଷୟ ପ୍ରକାଶ କରେ, "ସିଦ୍ଧ ପ୍ରେମ ଭୟ ଦୂର କରେ।" ଏହି ଶାସ୍ତ୍ରାଂଶର ତାତ୍ପର୍ଯ୍ୟ ମୁଁ ବହୁତ ଦିନ ଧ୍ୟାନ କଲି ଏବଂ ପରିଶେଷରେ ଦିନେ ଈଶ୍ୱର ମୋର ଅନ୍ତର ମଧ୍ୟରେ ଏହାର ଅର୍ଥ ପ୍ରକାଶ କଲେ । ସିଦ୍ଧ ପ୍ରେମ ଭୟ ଦୂର କରେ ଏବଂ ଈଶ୍ୱର ହେଉଛନ୍ତି ସେହି ସିଦ୍ଧ ପ୍ରେମ । ସେହି ପ୍ରେମ ଆପଣଙ୍କ ପ୍ରତି କେତେ ସିଦ୍ଧ ଓ ସଂପୂର୍ଣ୍ଣ, ଏହା ଆପଣ ଯେତେବେଳେ ଉପଲବ୍ଧି କରନ୍ତି, ସେତେବେଳେ ଏହି ସୃଷ୍ଟିରେ ଏପରି କୌଣସି ବିଷୟ ନାହିଁ, ଯାହାକୁ କି ଆପଣ ଭୟ କରିବେ । ଆପଣଙ୍କ ପ୍ରତି ଈଶ୍ୱରଙ୍କ ପ୍ରେମର ବ୍ୟକ୍ତିଗତ ପରିପ୍ରକାଶରେ କୌଣସି ପ୍ରକାରର ଭୟର ସ୍ଥାନ ନାହିଁ – ତାହା ଏକ ଅସମ୍ଭବ ବିଷୟ ।

ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି, ଏହା ଅନ୍ତରରେ ଓ ଜୀବନରେ ଉପଲବ୍ଧି କରିବା ପରେ ଅସଫଳ ହେବାର ଓ ପରିତ୍ୟକ୍ତ ହେବାର ଭୟ ଆସିବା ଅସମ୍ଭବ । ଆପଣ ଯଦି ଈଶ୍ୱରଙ୍କ ଉପରେ ନିର୍ଭର କରୁଛନ୍ତି, ତେବେ କଦାପି ଅସଫଳ ହୋଇ ପାରିବେ ନାହିଁ । ଯଦି ନିଜ ଉପରେ ନିର୍ଭର କରୁଛନ୍ତି, ତେବେ ସଫଳତା ନ ପାଇବାର ଆଶଙ୍କା ଅଛି । ଆପଣଙ୍କ ପ୍ରତି ଈଶ୍ୱରଙ୍କ ପ୍ରେମ ଉପରେ ଯଦି ଆପଣଙ୍କର ଦୃଢ ପ୍ରତ୍ୟୟ ଅଛି, ତେବେ ଜୀବନରେ ଅସଫଳ ଓ ପରିତ୍ୟକ୍ତ ହେବାର ପ୍ରଶ୍ନ ଉଠୁ ନାହିଁ – ତାହା ଅସମ୍ଭବ ବିଷୟ ।

ଈଶ୍ୱରଙ୍କ ପ୍ରେମ ଏଡ଼େ ବିଶାଳ ଯେ ତାହା ସବୁ କିଛି ଢ଼ାଙ୍କି ପକାଏ । ଯେଉଁ ପ୍ରଭୁ ଆପଣଙ୍କୁ ପାପରୁ ଉଦ୍ଧାର କରି ମୁକ୍ତି ଦେଲେ, ସେ ଆପଣଙ୍କୁ ଦୋଷୀ

ସାବ୍ୟସ୍ତ କରିବେ ବୋଲି ଭାବିପାରୁଛନ୍ତି କି ? ଶୟତାନ ହେଉଛି, ଦୋଷୀ ସାବ୍ୟସ୍ତ କରାଇବାର ବ୍ୟକ୍ତି । ଆପଣଙ୍କ ଜୀବନର ପାପସବୁକୁ ଈଶ୍ୱର ଦର୍ଶାଇଦେବେ ଓ ତହିଁରୁ ଉଦ୍ଧାର ପାଇବାର ପଥ ବା ଉପାୟ ମଧ୍ୟ ଦେଖାଇଦେବେ । ଶୟତାନ ଆପଣଙ୍କୁ ଦୋଷୀ ସାବ୍ୟସ୍ତ କରି କହେ, ପାପରୁ ଉଦ୍ଧାର ପାଇବାର ଉପାୟ ନାହିଁ।

ନୂତନ ଓଡ଼ିଆ ବାଇବଲରେ ୧ମ ଯୋହନ ୪:୧୮ ପଦ ଏହି ପରି ପ୍ରକାଶ କରେ:

> "ପ୍ରେମରେ ଭୟର ସ୍ଥାନ ନ ଥାଏ । କିନ୍ତୁ ପୂର୍ଣ୍ଣତା ପ୍ରାପ୍ତ ପ୍ରେମ ଭୟ ଦୂର କରେ, କାରଣ ଦଣ୍ଡ ହେତୁ ଭୟ ଥାଏ । ଯେଉଁ ମନୁଷ୍ୟ ଭୟ କରେ, ସେ ପ୍ରେମରେ ପୂର୍ଣ୍ଣତା ଲାଭ କରି ନାହିଁ ।"
>
> –୧ ଯୋହନ ୪:୧୮ ।

ଅନେକେ ବିଶ୍ୱାସ କରନ୍ତି ଯେ, ଏହି ଶାସ୍ତ୍ରାଂଶର ଅର୍ଥ ହେଉଛି – "ତୁମେ ଯଦି ମୋତେ ଯଥେଷ୍ଟ ପ୍ରେମ କରିପାରିବ, ତେବେ ମୋତେ ତୁମେ ଭୟ କରିବ ନାହିଁ, କିମ୍ବା ତୁମେ ଯଦି କାହାରିକୁ ପ୍ରେମ କରୁଛ, ତେବେ ତୁମ ଜୀବନରୁ ଭୟ ଚାଲିଯିବ।" ମାତ୍ର ତାହାର ଅର୍ଥ ଏହା ନୁହେଁ ।

ଏହାର ଅର୍ଥ ହେଉଛି, ଆମକୁ ପ୍ରେମ କରିବା ପାଇଁ ଆମେ ଯଦି ଈଶ୍ୱରଙ୍କୁ ଜୀବନରେ ସ୍ଥାନ ଦେଉ, ତେବେ ଆମେ ଆଦୌ ଭୟଭୀତ ହେବା ନାହିଁ । ଭୟଶୂନ୍ୟ ଜୀବନ କାଟିବା ନିମନ୍ତେ ଈଶ୍ୱରଙ୍କ ପ୍ରେମକୁ ଗ୍ରହଣ କରିବା ନିତାନ୍ତ ଆବଶ୍ୟକ । ଏହିକ୍ଷଣି ଈଶ୍ୱରଙ୍କ ପ୍ରେମକୁ ବିଶ୍ୱାସରେ ଗ୍ରହଣ କରନ୍ତୁ । ଆସନ୍ତୁ, ବିଶ୍ୱାସର ହାତ ବଢ଼ାଇ ଈଶ୍ୱର ଆପଣଙ୍କ ନିମନ୍ତେ ପ୍ରେମରେ ଯାହା ସଞ୍ଚିରଖିଛନ୍ତି, ତାକୁ ଗ୍ରହଣ କରିନିଅନ୍ତୁ ।

ଈଶ୍ୱରଙ୍କ ପ୍ରେମରେ ଭୟ ଦୂରୀଭୂତ ହେବାର ଏହି ଯେଉଁ ପ୍ରକାଶନ ସେ ମୋତେ ଦେଲେ, ତା'ପରେ ମୋତେ ସେହି ବିଷୟକୁ ମୋ ଜୀବନରେ ଅଭ୍ୟାସ କରିବାକୁ ପଡ଼ିଲା। କିଛି ଦିନଧରି ଆମର ମୋଟର କାର୍‌ର ଯାନ୍ତ୍ରିକ ଗଣ୍ଡଗୋଳ

ଆରମ୍ଭ ହୋଇଥିଲା ଓ ତା'ର ମରାମତି କାମ ଦରକାର ଥିଲା । ଆମେ ଆକଳନ କରି ଦେଖିଲୁ ଯେ, ସେହି ଯାନ୍ତ୍ରିକ ମରାମତି ପାଇଁ ଆମର ସକ୍ଷମ ବାହାରେ ଅର୍ଥର ପ୍ରୟୋଜନ । ତେଣୁ ଆମେ ସେ ବିଷୟ ପ୍ରତି ମନ ନ ଦେଇ ପାରୁପର୍ଯ୍ୟନ୍ତ ଗାଡ଼ିକୁ ଚଲାଇବା ଅବସ୍ଥାରେ ରଖିଲୁ ।

ଦିନେ ସକାଳେ ପ୍ରଭୁ ମୋ ସହିତ କଥା କହିବାକୁ ଆରମ୍ଭ କଲେ, "ଜୟେସ୍ ! ସାରାଦିନ ମୋର ପ୍ରେମ ଅନୁଭବ କର, ମୋତେ ପ୍ରେମକରି ମୋର ପ୍ରେମକୁ ଅନୁଭବ କରିବା ହିଁ କେବଳ ତୁମର କାମ, ଅନ୍ୟ କିଛି ନୁହେଁ । ଜଣେ ବିଶ୍ୱାସୀ ବୀରାନାରୀ ହେବା ତୁମର ଦରକାର ନାହିଁ । କେବଳ ମୋର ପ୍ରେମରେ ସୁସ୍ଥିର ହୋଇ ରହିବା ଆବଶ୍ୟକ – ସାରାଦିନ ପ୍ରତ୍ୟେକ କ୍ଷଣରେ ମୋର ପ୍ରେମକୁ ଉପଲବ୍ଧି କର ।"

ତେଣୁ, ସାରାଦିନ ମୁଁ ଶୁଦ୍ଧ ବିଶ୍ୱାସରେ ପ୍ରଭୁଙ୍କ ଆଜ୍ଞାନୁସାରେ ନିଜକୁ ଗଠନ କରିବାରେ ଲାଗିପଡ଼ିଲି – ଗୀତ ବୋଲି ଓ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଗୀତ ରଚନା କରି ମୁଁ ଚମତ୍କାର ସମୟ ଉପଭୋଗ କରୁଥିଲି । ହଠାତ୍ ଆମ ଗ୍ୟାରେଜ୍‌ରୁ ମୋର ସ୍ୱାମୀଙ୍କ ସ୍ୱର ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । କାରଣ ୪୫ ମିନିଟ୍ ପୂର୍ବରୁ ସେ କାମକୁ ବାହାରି ଯାଇଥିଲେ । ସେ କବାଟ ଖୋଲି ପଶି ଆସୁ ଆସୁ କହିଲେ, "ଏ ଗାଡ଼ି ସଙ୍ଗେ ମୁଁ ଆଉ ଯାଇ ପାରିବିନି, ଆମକୁ କିଛି ଗୋଟିଏ ବ୍ୟବସ୍ଥା କରିବାକୁ ହେବ ।"

ମୁଁ କବାଟ ବନ୍ଦ କରି ହସିବାକୁ ଲାଗିଲି । ଏହିପରି ହସିବା ମୋର ଉଦ୍ଦେଶ୍ୟ ବା ଯୋଜନା ନ ଥିଲା । ଏହା ସ୍ୱତଃ ବାହାରି ଆସିଲା । ମୋର ଆତ୍ମାରୁ ଏହା ଉଚ୍ଛୁଳି ଆସିଲା ଓ ଈଶ୍ୱର ମୋତେ ବୁଝାଇ ଦେଲେ ଯେ, ଯେହେତୁ ଆଜି ଦିନର ଏପର୍ଯ୍ୟନ୍ତ ଯାଏ ମୁଁ ତାଙ୍କ ପ୍ରେମ ଉପଲବ୍ଧି କରି ତାଙ୍କ ପ୍ରେମରେ ସ୍ଥିର ଥିଲି, ସେଥିଲାଗି ବର୍ତ୍ତମାନ ମୁଁ ହସି ପାରିଲି । ନିଜ ଜୀବନରେ ପ୍ରଭୁଙ୍କ ପ୍ରେମକୁ ବା ପ୍ରଭୁଙ୍କୁ ଉପଲବ୍ଧି କରିବାକୁ ଛାଡ଼ିଦେଲେ ଆମ ମଧ୍ୟରୁ ବିଶ୍ୱାସ ବାହାରି ଆସିବା ପାଇଁ ଦ୍ୱାର ଖୋଲିଯାଏ।

ଅବ୍ରାହାମ ବିଶ୍ୱାସର ହସ ହସିଥିଲେ । ଯେତେବେଳେ ପ୍ରଭୁ ତାଙ୍କ ନିକଟକୁ ଆସି କହିଲେ ଯେ, ସେ ଗୋଟିଏ ପୁତ୍ର ଲାଭ କରିବାକୁ ଯାଉଛନ୍ତି, ଅବ୍ରାହାମ ପଛକୁ ହଟି ଯାଇ ହସିଲେ ଓ କହିଲେ "ପ୍ରଭୁଙ୍କର ମହିମା ହେଉ ! ମୁଁ ଏହା ବିଶ୍ୱାସ କରୁଛି ।" କିନ୍ତୁ ସାରା ଅବିଶ୍ୱାସ ଓ ସନ୍ଦେହର ହସ ହସି ଥିଲେ, ସେଥିପାଇଁ ପ୍ରଭୁ ତାଙ୍କୁ ସଂଶୋଧନ କଲେ, କିନ୍ତୁ ଅବ୍ରାହାମଙ୍କୁ କଲେ ନାହିଁ । ଅବ୍ରାହାମଙ୍କର ହସ ବିଶ୍ୱାସର ହସ ଥିଲା, ତେଣୁ ପ୍ରଭୁ ଅବ୍ରାହାମଙ୍କୁ ତୁଚ୍ଛ କଲେ ନାହିଁ ।

ଶୟତାନ ଯେତେବେଳେ ଆପଣଙ୍କ ବିରୁଦ୍ଧରେ ଉଠି ଆପଣଙ୍କ ପ୍ରତି ତାହାର ଯୋଜନା କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରେ, ସେତେବେଳେ ଆପଣ ବିଶ୍ୱାସର ହସ ହସନ୍ତୁ, କାରଣ ଆପଣ ଆପଣଙ୍କର ଈଶ୍ୱରଙ୍କୁ ଭଲଭାବେ ଜାଣନ୍ତି, ଶୟତାନର ବାଣ ଆପଣଙ୍କ ପ୍ରତି ବୃଥା, ଏହା ଆପଣଙ୍କୁ ଭୟଭୀତ କରାଇ ପାରିବ ନାହିଁ। ଆପଣ ଜାଣନ୍ତୁ ଯେ, ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ଓ ଆପଣଙ୍କୁ ସେ ସୁରକ୍ଷା ବଳୟ ମଧ୍ୟରେ ରଖିଛନ୍ତି ।

ଏହି ସମୟରେ ଈଶ୍ୱରଙ୍କର ଧିର ମଧୁର ସ୍ୱର ମୋର ଅନ୍ତର ମଧ୍ୟରେ ମୁଁ ଶୁଣି ପାରିଲି – ଏହି ସ୍ୱର ଧୀର ଥିଲେ ମଧ୍ୟ ଯଥେଷ୍ଟ ଶକ୍ତିଶାଳୀ ଥିଲା । ସେ ମୋତେ ତିନି ଥର କହିଲେ "ଜୟେସ୍, ତୁମେ ଯଦି ଏହି ପରି ମୋ ସହିତ ହାତ ମିଳାଇ କାର୍ଯ୍ୟ କରିବ, ମୁଁ ତୁମକୁ କଦାପି ନିରାଶ କରିବି ନାହିଁ ।" ମୋତେ ଲାଗିଲା ଯେପରି ଏହି ସ୍ୱର ମୋର ଘରର ପରିବେଶ ମଧ୍ୟରୁ ଆସୁଛି –"ମୁଁ ତୁମକୁ କଦାପି ନିରାଶ କରିବି ନାହିଁ, ମୁଁ ତୁମକୁ କଦାପି ନିରାଶ କରିବି ନାହିଁ ।"

ଆପଣ ଯଦି ଈଶ୍ୱରଙ୍କ ଉପରେ ଆଉଜି ପଡ଼ିବେ ଓ ତାଙ୍କ ପ୍ରେମରେ ସୁସ୍ଥିର ରହିବେ, ପୁଣି ତାଙ୍କୁ ପ୍ରେମ କରିବେ, ତେବେ ବିଶ୍ୱାସରେ କାର୍ଯ୍ୟ କରିବା ପାଇଁ ଚେଷ୍ଟା କରିବାକୁ ଆପଣ ଭୁଲିଯିବେ । ଈଶ୍ୱର ସବୁ ବିଷୟ ସହଜ ସାଧ କରିଦେବେ। ଆପଣଙ୍କ ମଧ୍ୟରୁ ଈଶ୍ୱରଙ୍କ ପ୍ରେମ ଉଚ୍ଛୁଳି ଉଠିବ ଓ ସବୁ ଭୟ ଦୂର ହୋଇଯିବ ।

ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ।

# 6

# ପ୍ରେମ ମର୍ମସ୍ପର୍ଶୀ

"ସେ ଆମକୁ ଏହି ଆଜ୍ଞା ଦେଇଛନ୍ତି – ଯେ କେହି ଈଶ୍ୱରଙ୍କୁ ପ୍ରେମ କରେ, ସେ ତା'ର ଭାଇକୁ ମଧ୍ୟ ପ୍ରେମ କରିବା ଉଚିତ୍।"

–୧ ଯୋହନ ୪:୨୧

ଆପଣ ଈଶ୍ୱରଙ୍କ ବହୁମୂଲ୍ୟ ସନ୍ତାନ । ସେ ଏ କଥା ଦ୍ୱିଃବିବରଣ ୭:୬ ରେ ଆପଣଙ୍କୁ କହିରଖିଛନ୍ତି । ତାଙ୍କର ସେହି କଥା ଅନୁଯାୟୀ ଯଦି ଆପଣ ଆଚରଣ କରିବାକୁ ଆରମ୍ଭ କରିବେ ତା'ହେଲେ ଜଗତରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ । ମୁହଁରେ ହସ ନେଇ ଆପଣ ଦୋକାନକୁ ଯିବେ ଓ ଜିନିଷ କିଣିବେ । ଆରମ୍ଭ କଲାବେଳେ ଏହି କଥା ମନରେ କହିବେ, "ମୁଁ ଯାହା କିଛି ସ୍ପର୍ଶ କରିବି, ତାହା ଆଶୀର୍ବାଦ ପାଇବ, ହାଲିଲୁୟା! ଏଇ ଦୋକାନ ମଧ୍ୟ ଆଶୀର୍ବାଦ ପାଇବ!" ଦୋକାନ ମଧ୍ୟରେ ମନ ଖୁସିରେ ଗୀତ ଗାଇ ଗାଇ ଆପଣ ବୁଲିଆସିବେ, କାରଣ ଯେଉଁଠିକୁ ଆପଣ ଯାଆନ୍ତୁନା କାହିଁକି, ଆପଣ ବହୁମୂଲ୍ୟ ଅଟନ୍ତି ।

ଆମେ ଈଶ୍ୱରଙ୍କ ଦୃଷ୍ଟିରେ କେତେ ବହୁମୂଲ୍ୟ ଏହା ଉପଲବ୍ଧି କରି ଓ ସେ ଆମକୁ ଯେ ପ୍ରେମ କରନ୍ତି, ଏହା ଆଚରଣରେ ପ୍ରକାଶ କରି ଆମେ ଏ ଜଗତକୁ ଯୀଶୁଙ୍କ ପାଇଁ ଜୟ କରି ପାରିବା । ବନାଗ୍ନି ତୁଲ୍ୟ ପ୍ରେମ ପ୍ରସାରିତ ହୋଇଥାଏ । କିନ୍ତୁ ଆମେ ଖ୍ରୀଷ୍ଟିୟାନ ବୋଲି କେବଳ ମୁଖରେ କହିଲେ କୌଣସି ଲାଭ ନାହିଁ, ମାତ୍ର ଆମର ଆଚରଣରେ ତାହା ପ୍ରକାଶିତ ହେବା ଆବଶ୍ୟକ । ଆମେ ଖ୍ରୀଷ୍ଟିୟାନ

ବୋଲି ନିଜକୁ ପରିଚୟ ଦେଇ ଆମର କଥାରେ ଓ ବ୍ୟବହାରରେ ଯଦି କଟୂକ୍ତି ଓ ତିକ୍ତତା ପ୍ରଦର୍ଶନ କରୁ, ତେବେ ଆମେ ଖ୍ରୀଷ୍ଟିୟାନ ପଦବାଚ୍ୟ ନୋହୁଁ ।

ଆପଣ କ'ଣ ଜୀବନରେ ବିଜୟକୁ ଧରି ରଖିବାକୁ ଚାହାଁନ୍ତି ? ଆମ୍ଭାରେ ବିଶ୍ୱାସର ହାତ ବଢ଼ାଇ ବିଜୟକୁ ହାସଲ କରି କୁହନ୍ତୁ, "ଶୟତାନ, ଯଥେଷ୍ଟ ସମୟ ଧରି ତୁ ମୋତେ ମିଥ୍ୟା ଓ ଭୟ ମଧ୍ୟରେ ଗତି କରାଇଲୁ। ମୁଁ ଜଣେ ଅନନ୍ୟ ବ୍ୟକ୍ତି ଓ ଯୀଶୁଙ୍କ ନାମରେ ମୁଁ ଜୟ ଲାଭ କରିବି, କାରଣ ଈଶ୍ୱର ମୋତେ ପ୍ରେମ କରନ୍ତି । ଶୟତାନ, ତୁ ଆଉ କିଛି କରି ପାରିବୁ ନାହିଁ ।"

ଆପଣଙ୍କ ମଧ୍ୟରେ ଈଶ୍ୱରଙ୍କ ପ୍ରେମ ଆପଣଙ୍କୁ ଭୟରୁ ମୁକ୍ତି ଦେବ ଓ ଅନ୍ୟମାନଙ୍କ ଜୀବନକୁ ପ୍ରେମରେ ସ୍ପର୍ଶ କରିବା ପାଇଁ ଆପଣ ଭୟଭୀତ ହେବେ ନାହିଁ । ଈଶ୍ୱର ଯେତେବେଳେ ଆପଣଙ୍କୁ କହୁଛନ୍ତି, ଆପଣଙ୍କ ଦ୍ୱାରା ସେ ମହତ୍ କାର୍ଯ୍ୟମାନ କରିବେ କାରଣ ଯୀଶୁ ପିତାଙ୍କ ନିକଟକୁ ଯାଇଛନ୍ତି, ସେତେବେଳେ ତାଙ୍କର ଏହି କଥାକୁ ବିଶ୍ୱାସ କରନ୍ତୁ। ଈଶ୍ୱର ଆପଣଙ୍କୁ ବ୍ୟବହାର କରିବେ ବୋଲି ଆପଣ କଣ ପ୍ରକୃତରେ ବିଶ୍ୱାସ କରୁଛନ୍ତି? ଈଶ୍ୱରଙ୍କ ଉପରେ ଆପଣଙ୍କର ବିଶ୍ୱାସ ଅନୁଯାୟୀ ସେ ସବୁକିଛି ଆପଣଙ୍କୁ ଦେବାକୁ ସମର୍ଥ ଅଟନ୍ତି। ପାଦ ଆଗକୁ ବଢ଼ାଇବାକୁ ଆପଣ ଭୟଭୀତ ହୁଅନ୍ତୁ ନାହିଁ ।

ଅନେକ ଥର ମୁଁ ବିଶ୍ୱାସରୂପକ ପର୍ବତର ଧାରରେ ଛିଡ଼ା ହୋଇଛି, ହଁ ଏକ୍‌ଦମ ଧାରରେ ଛିଡ଼ା ହୋଇ କିଛି ଗୋଟିଏ ଭୟାଭୟ ବିଷୟ କରିବାକୁ ପାଦ ବଢ଼ାଇଛି ଓ ସେହି ସମୟରେ ଈଶ୍ୱର କହିଛନ୍ତି, "ଜୟେସ, ଆଗବଢ଼ି ଆସ, ତୁମ ଦ୍ୱାରା ମୁଁ ଅନେକ ମହତ୍ କାର୍ଯ୍ୟ କରିବାକୁ ଯାଉଛି, ସେଥିପାଇଁ ପାଦ ବଢ଼ାଇଦିଅ ।" ଈଶ୍ୱରଙ୍କ କଥା ବିଶ୍ୱାସ କରି ମୁଁ ଲମ୍ଫ ଦେଇଥାଏ ଏବଂ ସେ ମୋତେ କେବେ ହେଲେ ନିରାଶ ବା ବିଫଳ ହେବାକୁ ଦେଇନାହାନ୍ତି । ବିଶ୍ୱାସରେ ଆଗକୁ ପାଦ ବଢ଼ାଇ ମୁଁ ବିଫଳ ହେବି ନାହିଁ ।

ମୋର ଏହି ଦୃଢ଼ ବିଶ୍ୱାସ କାହିଁକି ଅଛି, ତାହା ଆପଣ ଜାଣନ୍ତି କି ? ମୁଁ ନିଶ୍ଚିତ ଭାବେ ଜାଣେ ଯେ, ଈଶ୍ୱର ମୋତେ ପ୍ରେମ କରନ୍ତି । ସେ ମୋତେ ପ୍ରେମ କରନ୍ତି ଓ ସେ ଜାଣନ୍ତି ମୁଁ ତାଙ୍କୁ ପ୍ରେମ କରେ ଏବଂ ତାଙ୍କ ଅନୁଗ୍ରହରେ ମୁଁ ମୋର ଜୀବନ ତାଙ୍କ ପାଇଁ ସମର୍ପଣ କରି ଦେଇଛି । ଯଦି ଆପଣ ମଧ୍ୟ ଏହା କରିଛନ୍ତି ଓ ଈଶ୍ୱର ଆପଣଙ୍କୁ ଓ ଆପଣ ଈଶ୍ୱରଙ୍କୁ ପ୍ରେମ କରୁଛନ୍ତି, ତେବେ ସାରା ସୃଷ୍ଟିରେ ଏପରି କୌଣସି ସମସ୍ୟା ନାହିଁ, ଯାହାକୁ ଆପଣ ଅତିକ୍ରମ କରି ନ ପାରିବେ ।

> "କିଏ ଆମକୁ ଖ୍ରୀଷ୍ଟଙ୍କ ପ୍ରେମରୁ ବିଚ୍ଛିନ୍ନ କରିବ? କ'ଣ କ୍ଲେଶ, କି କଷ୍ଟ, କି ନିର୍ଯ୍ୟାତନା, କି ଦୂର୍ଭିକ୍ଷ, କି ଉଲଙ୍ଗତା, କି ବିପଦ, କି ଖଡ୍‌ଗ ବିଚ୍ଛିନ୍ନ କରିବ? କାରଣ ଏହିପରି ଲେଖାଅଛି :
>
> "ତୁମ ସକାଶେ ଆମେ ସାରାଦିନ ମୃତ୍ୟୁର ସମ୍ମୁଖୀନ ହେଉଛୁ, ଆମେ ବଧ ହେବା ମେଷ ପରି ଗଣ୍ୟ ହେଉଛୁ ।"
>
> ନା, ଯେ ଆମକୁ ପ୍ରେମ କଲେ, ଆମେ ତାହାଙ୍କ ଦ୍ୱାରା ଏ ସମସ୍ତ ବିଷୟ ଉପରେ ସଂମ୍ପୂର୍ଣ୍ଣ ରୂପେ ବିଜୟୀ ହୋଇଛୁ । କାରଣ ମୁଁ ଦୃଢ଼ ନିଶ୍ଚିତ ଯେ ମୃତ୍ୟୁ କି ଜୀବନ, ସ୍ୱର୍ଗଦୂତଗଣ କି ପ୍ରେତାତ୍ମାଗଣ, ବର୍ତ୍ତମାନ କି ଭବିଷ୍ୟତ୍ କିମ୍ବା କୌଣସି ବିଷୟ ନାହିଁ, ଯାହା ଆମର ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ପ୍ରକାଶିତ ଈଶ୍ୱରଙ୍କ ପ୍ରେମରୁ ଆମକୁ ବିଚ୍ଛିନ୍ନ କରି ପାରିବ ।"
>
> –ରୋମୀ ୮:୩୫–୩୯

ଆପଣଙ୍କର ସ୍ୱାଧୀନ ଜୀବନ ନିମନ୍ତେ ବା ମୁକ୍ତ ଜୀବନ ନିମନ୍ତେ ଈଶ୍ୱର ଯେ କେତେଦୂର ମନୋଯୋଗୀ, ତାହା ଆପଣ କଳନା କରି ପାରିବେ ନାହିଁ । ଆପଣଙ୍କର ମନ ଦୁଃଖ ହେଲେ ତାହା ଈଶ୍ୱରଙ୍କୁ କଷ୍ଟ ଦିଏ । ଅନେକ ସମୟରେ ସକାଳୁ ଉଠିବା ସମୟରୁ ସାରାଦିନ ଧରି ଆମର ମନ ଖରାପ ଲାଗୁଥାଏ । କେଉଁ ପ୍ରକାର

ଦିନ ବିଷୟ ମୁଁ କହୁଛି, ତାହା ଆପଣ ନିଶ୍ଚୟ ବୁଝିପାରୁଥିବେ । ସେହିପରି ଦିନଗୁଡ଼ିକରେ ସବୁକିଛି ବିରକ୍ତ ଲାଗେ, ପିଲାଙ୍କ ଉପରେ ଅକାରଣେ ଆମେ ପାଟି କରିଥାଉ, ପଡ଼ୋଶୀଙ୍କ ଉପରେ ବିରକ୍ତ ହୋଇଥାଉ, ଏପରିକି ଗୃହପାଳିତ ଯେ କୌଣସି ପଶୁ ପ୍ରତି ମଧ୍ୟ ଆମର କଟୁ ପ୍ରତିକ୍ରିୟା ପ୍ରକାଶ ପାଇଥାଏ । "ସବୁବେଳେ କାମ ଆଉ କାମ – ଯେତେ କାମ କଲେ ବି କେହି ଟିକେ ପ୍ରଶଂସା ବା ପସନ୍ଦ କରିବା ପରି ପଦେ କଥା କହନ୍ତି ନାହିଁ ।"

ମୁଁ ନିଜେ ମଧ୍ୟ ସେହିପରି ମନୋଭାବ ଭିତର ଦେଇ ଯାଇଛି, ତେଣୁ ମୁଁ ଆପଣଙ୍କ କଥା ବୁଝିପାରୁଛି । ଆମର ଏହିପରି ପ୍ରତିକ୍ରିୟା ଈଶ୍ୱରଙ୍କୁ କଷ୍ଟ ଦିଏ । ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ବୋଲି ଉପଲବ୍ଧି କରି ସେହି ପ୍ରେମର ପ୍ରତିଦାନ ଦେବା ପାଇଁ ଯତ୍ନବାନ ହୁଅନ୍ତୁ, ତାହାହେଲେ ଈଶ୍ୱରଙ୍କ ପ୍ରେମରେ ଆପଣ ପୂର୍ଣ୍ଣ ହେବେ ଓ ଅନ୍ୟମାନଙ୍କ ପ୍ରତି ସେହି ପ୍ରେମ ଉଛୁଳି ଉଠିବ। ଆପଣଙ୍କର ଆଚାରବ୍ୟବହାରରେ ମିଷ୍ଟତା ପ୍ରକାଶ ପାଇବ ଓ ଆତ୍ମାଙ୍କ ଫଳ – ମୃଦୁତା ଓ ଦୟା ପରିଲକ୍ଷିତ ହେବ ।

ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି, ଏହି ବିଷୟକୁ ଆପଣ ଯଦି ଜାବୁଡ଼ି ଧରନ୍ତି, ତେବେ ଅତି ଶୀଘ୍ର ସୁସ୍ଥତା ପାଇବେ, ପ୍ରାଚୁର୍ଯ୍ୟତା ପାଇବେ ଓ ଆପଣଙ୍କର ଅଭାବ ମୋଚନ ହେବ । କାହିଁକି ? ଆପଣ ନିଶ୍ଚିନ୍ତ ହେବାକୁ ଆରମ୍ଭ କରିବେ ।

ଈଶ୍ୱର ଅନେକ ବିଷୟ ଆମକୁ ଦେବାକୁ ଇଚ୍ଛା କରି ମଧ୍ୟ ଦେଇପାରନ୍ତି ନାହିଁ, କାରଣ ଆମେ ନିଜ ଚେଷ୍ଟାରେ ସେହିସବୁ ବିଷୟ ଲାଭ କରିବାକୁ ଏତେ ବ୍ୟସ୍ତ ଥାଉ ଯେ, ସେସବୁ ବିଷୟ ଦେବା ପାଇଁ ଈଶ୍ୱର ଆମକୁ ପାଆନ୍ତି ନାହିଁ । ଈଶ୍ୱର ଚାହାନ୍ତି ଆମେ ତାଙ୍କ ଉପରେ ସଂପୂର୍ଣ୍ଣ ନିର୍ଭର କରି ତାଙ୍କ ପ୍ରେମରେ ସୁସ୍ଥିର ରହୁ, ତେବେ ଆମେ ତାଙ୍କ ଦାନ ଗ୍ରହଣ କରିପାରିବା । ଈଶ୍ୱରଙ୍କୁ ପ୍ରେମ କରୁଥିବା ବ୍ୟକ୍ତିର ଜୀବନରେ ଶୟତାନ ଆଶୀର୍ବାଦର ସ୍ରୋତକୁ ବନ୍ଦ କରି ନ ପାରେ, କାରଣ ଆମେ ଯଦି ଈଶ୍ୱରଙ୍କୁ ପ୍ରେମ କରୁଥାଉ ତେବେ ଆମେ ଦାନ ନ କରି ରହି ପାରିବା ନାହିଁ । ପ୍ରେମ କରି ଆମେ ଦାନଶୀଳ ନ ହେବା ବା କିପରି?

ଦ୍ୱି. ବିବରଣୀ ୭:୬ ପଦର ଶେଷ ଭାଗରେ ଏପରି ଲେଖାଯାଏ – "... ଈଶ୍ୱର ତୁମ୍ଭମାନଙ୍କୁ ତାହାଙ୍କର ସଞ୍ଚିତ ଧନ ସ୍ୱରୂପ ଓ ନିଜସ୍ୱ କରିବାକୁ ମନୋନୀତ କରିଛନ୍ତି ।" ଈଶ୍ୱର ଆପଣଙ୍କୁ ଆହ୍ୱାନ କରିଛନ୍ତି । ବର୍ତ୍ତମାନ ପାଇଁ ଆପଣଙ୍କର କାର୍ଯ୍ୟ ହୁଏତ ଆପଣଙ୍କ ଗୃହ ଓ ପରିବାର ମଧ୍ୟରେ ସୀମିତ, ମାତ୍ର ଈଶ୍ୱରଙ୍କ ଦ୍ୱାରା ଆପଣ ଆହୂତ। ଆପଣ ଯଦି ପ୍ରକୃତରେ ଈଶ୍ୱରଙ୍କ ଦ୍ୱାରା ବ୍ୟବହୃତ ହେବାକୁ ଚାହାଁନ୍ତି, ତେବେ ନିଶ୍ଚୟ ବ୍ୟବହୃତ ହୋଇପାରିବେ । ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି, ଏହି ମୂଳଦୁଆ ଉପରେ ଆପଣଙ୍କ ଜୀବନ ଦୃଢ଼ ହେବା ଆବଶ୍ୟକ ।

ଆପଣଙ୍କ ନିଜ ନିମନ୍ତେ ଓ ଆପଣଙ୍କର ଅଭାବ ମୋଚନ ପାଇଁ ଆପଣଙ୍କର ସମସ୍ତ ଆତ୍ମିକ ଶକ୍ତି ଖଟାଇଦିଅନ୍ତୁ ନାହିଁ । ଅତି ସହଜରେ ଓ ଅତି ଶୀଘ୍ର ଆପଣଙ୍କର ଅଭାବ ବିଷୟ ଈଶ୍ୱରଙ୍କୁ ଜଣାଇ ଦେଇ ଅନ୍ୟର ଅଭାବ ମୋଚନ ଦିଗରେ ବିଶ୍ୱାସରେ ଲାଗିପଡ଼ନ୍ତୁ। ଯୀଶୁ ଜଗତରେ ଥିବାବେଳେ ଲୋକମାନଙ୍କୁ ଭେଟି ସେମାନଙ୍କର ଶାରୀରିକ, ମାନସିକ, ଆତ୍ମିକ ଅଭାବ ମୋଚନ କରିବା ପୂର୍ବରୁ ପ୍ରାର୍ଥନା କରୁଥିଲେ ଓ ପିତା ଈଶ୍ୱରଙ୍କ ମୁଖ ଅନ୍ୱେଷଣ କରୁଥିଲେ ।

ଏହାପରେ ସେ ସେମାନଙ୍କ ନିକଟରେ ବାକ୍ୟ ପ୍ରଚାର କରୁଥିଲେ, ହାତ ରଖି ସୁସ୍ଥ କରୁଥିଲେ ଏବଂ ସେମାନେ ଅଲୌକିକ କାର୍ଯ୍ୟ ଲାଭ କରୁଥିଲେ। ସେ କେବେହେଲେ ଗୋଟିଏ କୋଣରେ ବସି ଈଶ୍ୱରଙ୍କଠାରୁ ଯାହା ପାଇବାକୁ ଆଶା କରୁଥିଲେ, ତାହା ପାଇବା ନିମନ୍ତେ ଈଶ୍ୱରଙ୍କ ଉପରେ ବିଶ୍ୱାସ ସ୍ଥାପନ କରିବାକୁ ଚେଷ୍ଟା କରୁ ନ ଥିଲେ । ଆପଣଙ୍କର ଆବଶ୍ୟକତାଗୁଡ଼ିକୁ ଈଶ୍ୱରଙ୍କ ନିକଟରେ ସାଧାରଣ ଭାବେ ଜଣାନ୍ତୁ । ଆପଣଙ୍କ ଜୀବନର ପ୍ରଧାନ ଆକାଂକ୍ଷା ଅନ୍ୟମାନଙ୍କର ଅଭାବ ମୋଚନ କରିବା ହେଉ ।

ପ୍ରକୃତ ପ୍ରାଚୁର୍ଯ୍ୟକୁ ଠିକ୍‌ଭାବେ ବ୍ୟାଖ୍ୟା କରିବାକୁ ଗଲେ, ତାହା ଆମ ସମ୍ମୁଖକୁ ଆସୁଥିବା ପ୍ରତ୍ୟେକ ଆବଶ୍ୟକତାକୁ ଈଶ୍ୱରଙ୍କ ସାମର୍ଥ୍ୟ ଦ୍ୱାରା ମୁକାବିଲା କରିବା ସାମର୍ଥ୍ୟକୁ ବୁଝାଏ । ଅନ୍ୟମାନଙ୍କ ଆବଶ୍ୟକତାକୁ ପ୍ରଥମ ସ୍ଥାନ ଦେବା ପାଇଁ ଈଶ୍ୱରଙ୍କ

ପ୍ରେମ ଆମକୁ ସମର୍ଥ କରିବା ଈଶ୍ୱର କ'ଣ ଆମକୁ ଏତେ ଭଲପାଆନ୍ତି ଯେ, ଯେଉଁମାନଙ୍କ ପ୍ରତି ପ୍ରେମ ପ୍ରଦର୍ଶନ କରିବା କଷ୍ଟକର, ସେମାନଙ୍କୁ ଭଲ ପାଇବା ପାଇଁ ସୁଦ୍ଧା ଈଶ୍ୱର ଆମକୁ ନିଶ୍ଚିତ ସାହାଯ୍ୟ କରିବେ, ଏପରି ଚିନ୍ତା ଆପଣଙ୍କ ମନରେ ଆସୁଛି କି?

ଯିଏ ଆପଣଙ୍କୁ ପ୍ରେମ କରେ, ପ୍ରତିବଦଳରେ ତାକୁ ପ୍ରେମ କରିବା କିଛି କଷ୍ଟକର ବିଷୟ ନୁହେଁ । ଯେକୌଣସି ମନୁଷ୍ୟ ଯେତେ ନୀଚ ହୋଇଥାଉ ନା କାହିଁକି, ତାହା କରିପାରିବ । ମାତ୍ର ଏପରି ଜଣେ ବ୍ୟକ୍ତି ଯାହାଙ୍କୁ ପ୍ରେମ କରିବା କଷ୍ଟକର, ତାଙ୍କୁ ଯେତେବେଳେ ପ୍ରେମ କରିବାକୁ ଆମେ ଚେଷ୍ଟା କରୁ ଓ ଏହି ଚେଷ୍ଟାରୁ ନିବୃତ୍ତ ନ ହୋଇ ପ୍ରେମ କରି ଚାଲିଥାଉ, ସେତେବେଳେ ଈଶ୍ୱରଙ୍କ ପ୍ରେମ ସେହି ବ୍ୟକ୍ତି ବା ବ୍ୟକ୍ତିଗଣଙ୍କୁ ପରିବର୍ତ୍ତନ କରିଦେବ ।

ଏହି କାର୍ଯ୍ୟ ସାଧିତ ହେବା ପାଇଁ ଗୋଟିଏ ବର୍ଷ ଲାଗିପାରେ ବା ଅନେକ ବର୍ଷ ଲାଗିଯାଇପାରେ, କିନ୍ତୁ ପରିଶେଷରେ ନିଶ୍ଚୟ କାର୍ଯ୍ୟକାରୀ ହେବ । ଯୀଶୁ ଆପଣଙ୍କ ପାଇଁ କେତେ ବର୍ଷ ଅପେକ୍ଷା କରିଥିଲେ?

ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ଓ ଆପଣଙ୍କ ଚତୁଃପାର୍ଶ୍ୱର ପ୍ରତ୍ୟେକଙ୍କୁ ସେ ପ୍ରେମ କରନ୍ତି, ସେ ପରିତ୍ରାଣ ପ୍ରାପ୍ତ ହେଉ ବା ନ ହେଉ । ସେ ଆପଣଙ୍କୁ ତାଙ୍କ ପ୍ରେମର ମାଧ୍ୟମ ହିସାବରେ ବ୍ୟବହାର କରିବାକୁ ଚାହାନ୍ତି ।

ଆଗକୁ ପାଦ ବଢ଼ାଇବାକୁ ଭୟ କରନ୍ତୁ ନାହିଁ । ଈଶ୍ୱରଙ୍କ ପ୍ରେମ ଆପଣଙ୍କୁ ଭୟ ଓ ଦୋଷୀ ମନୋଭାବରୁ ମୁକ୍ତ କରି ପ୍ରେମ ପ୍ରକାଶ କରିବାର ମନୋଭାବକୁ ପ୍ରକାଶ କରେ । ଈଶ୍ୱରଙ୍କ ପ୍ରେମ ବିକିରଣ କରିବାକୁ ଦୃଢ଼ ସଂକଳ୍ପ କରନ୍ତୁ । ଲୋକମାନଙ୍କ ସଙ୍ଗେ ଭଲ ବ୍ୟବହାର କରି ବନ୍ଧୁତ୍ୱ ସ୍ଥାପନ କରି କାର୍ଯ୍ୟ ଆରମ୍ଭ କରନ୍ତୁ । ଖ୍ରୀଷ୍ଟଙ୍କ ଶରୀରର ଗୋଟିଏ ଅଙ୍ଗ ହିସାବରେ ଆପଣ ଅନ୍ୟମାନଙ୍କ ନିମନ୍ତେ ଆଶୀଷର କାରଣ ହୁଅନ୍ତୁ ଓ ବନ୍ଧୁତ୍ୱ ସ୍ଥାପନ କରନ୍ତୁ ।

ଲୋକମାନଙ୍କୁ ଆପଣଙ୍କ ଘରକୁ ନିମନ୍ତ୍ରଣ କରନ୍ତୁ, ସେମାନଙ୍କ ସହ ସଂପର୍କ ବଜାୟ ରଖନ୍ତୁ । ଈଶ୍ୱର ଆପଣଙ୍କୁ ତାଙ୍କର ମହତ୍ ଯୋଜନାରେ ବ୍ୟବହାର କରିବାକୁ ଚାହାନ୍ତି – ତାଙ୍କର ସୃଷ୍ଟ ଅନ୍ୟ କୌଣସି ପ୍ରାଣୀକୁ ସେ ଏହି କାର୍ଯ୍ୟରେ ବ୍ୟବହାର କରନ୍ତି ନାହିଁ ।

ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କୁ କେବଳ ଆପଣ ହିଁ ପରିଚର୍ଯ୍ୟା କରିପାରିବେ । ଅନ୍ୟ କେହି ନୁହଁ, ମାତ୍ର କେବଳ ଆପଣ ହିଁ କରିପାରିବେ । ଈଶ୍ୱରଙ୍କ ପ୍ରେମ ପ୍ରକାଶ ଓ ବିକିରଣ କରିବା ନିମନ୍ତେ ସେ ଯେପରି ଆପଣଙ୍କୁ ସାହାଯ୍ୟ କରନ୍ତି ଓ ଶିକ୍ଷା ଦିଅନ୍ତି, ସେଥିପାଇଁ ତାଙ୍କର ସାହାଯ୍ୟ ଭିକ୍ଷା କରନ୍ତୁ ।

ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ।

# 7

# ଈଶ୍ୱରଙ୍କ ପ୍ରେମ ଆପଣଙ୍କୁ ପରିବର୍ତ୍ତିତ କରିଦେବ

"ଏହା ହିଁ (ପ୍ରକୃତ) ପ୍ରେମ – ଆମେ ଯେ (ପ୍ରଥମେ) ଈଶ୍ୱରଙ୍କୁ ପ୍ରେମ କଲୁ, ତା'ନୁହେଁ, ମାତ୍ର ସେ ଆମକୁ ପ୍ରେମ କରି ଆମ ପାପର ପ୍ରାୟଶ୍ଚିତ ବଳି ସ୍ୱରୂପେ ନିଜ ପୁତ୍ରଙ୍କୁ ପଠାଇଲେ"

–୧ମ ଯୋହନ ୪:୧୦ ।

ଈଶ୍ୱର ଆମକୁ ପ୍ରେମ କରନ୍ତି, ମାତ୍ର ମୁଁ ଭାବେ ଆମ ମଧ୍ୟରୁ ଅନେକେ ଈଶ୍ୱର ଆମକୁ ଯେଉଁ ପ୍ରକାରେ ପ୍ରେମ କରନ୍ତି, ତାହା ସଠିକ୍ ଭାବେ ଉପଲବ୍ଧି କରି ପାରନ୍ତି ନାହିଁ । ଏହି ବିଷୟ ନେଇ ଅଧ୍ୟୟନ କରିବା ସମୟରେ ଈଶ୍ୱର ମୋତେ ଜଣାଇଲେ ଯଦି ଆମେ ଈଶ୍ୱରଙ୍କ ପ୍ରେମକୁ ଗଭୀର ଭାବେ ଆମ ଆତ୍ମାରେ ଉପଲବ୍ଧି କରନ୍ତୁ, ତେବେ ଆମ ଜୀବନ ନିଶ୍ଚୟ ଉନ୍ନତ ମାନର ହୁଅନ୍ତା ଓ ଅନେକ ସମୟରେ ଆମେ ଯେଉଁ ପ୍ରକାର ଆଚାରବ୍ୟବହାର କରିଥାଉ, ତା'ର ମଧ୍ୟ ପରିବର୍ତ୍ତନ ହୁଅନ୍ତା।

*ଆପଣଙ୍କ ପାଇଁ ଈଶ୍ୱରଙ୍କ ପ୍ରେମ ବିଷୟ ଧ୍ୟାନ କରନ୍ତୁ।* ଏହା ହିଁ ଆପଣଙ୍କୁ ପରିବର୍ତ୍ତିତ କରିବାରେ ସାହାଯ୍ୟ କରିବ। ଆପଣଙ୍କର କୌଣସି ପ୍ରକୃତି ବା ବିଷୟ ଆପଣଙ୍କୁ ଯଦି ଭଲ ଲାଗୁ ନ ଥାଏ, ତାହା ଆପଣଙ୍କ ପ୍ରତି ଈଶ୍ୱରଙ୍କ ପ୍ରେମ ବିଷୟ ଧ୍ୟାନ କରିବା

ଦ୍ୱାରା ହିଁ ବଦଳି ଯିବ। ଆମକୁ କେହି ଜଣେ ଖୁବ୍ ଭଲ ପାଏ ଜାଣିଲେ ଆମର ମନ ନିଶ୍ଚୟ ଖୁସିରେ ଭରିଯାଏ । ବିତସ୍ପୃହ ମନୋଭାବ ଚାଲିଯାଏ। ଅନେକେ

ଏପରି ଅଛନ୍ତି, ଯେଉଁମାନେ ନିଜକୁ ଘୃଣା କରନ୍ତି, ହୁଏତ ସେମାନେ ଏହି ବହିଟି ପଢୁଥାଇ ମଧ୍ୟ ପାରନ୍ତି – ଏହା ଈଶ୍ୱର ମୋତେ ଜଣାଇଲେ: ଆମେ ଏକ ପରିବର୍ତ୍ତିତ ନୂତନ ସୃଷ୍ଟି ବୋଲି ନିଜେ ଗ୍ରହଣ ବା ଉପଲବ୍ଧି କରିପାରି ନ ଥାଉ, ତେଣୁ ନିଜ ଉପରେ ଓ ନିଜ କାର୍ଯ୍ୟ ଉପରେ ଆମର ବିରକ୍ତି ଆସିଥାଏ, ସେହି ପୁରାତନ ପ୍ରକୃତି ସହ ଆମେ ଯୁଦ୍ଧ ଚଳାଇଥାଉ ।

ଯେ ପର୍ଯ୍ୟନ୍ତ ଆମେ ନିଜ ବିଷୟରେ ବିରୋଧ ମନୋଭାବ ପୋଷଣ କରିବୁ, ଆମେ ଯେ ଈଶ୍ୱରଙ୍କ ଦୃଷ୍ଟିରେ ବହୁମୂଲ୍ୟ, ଏହା ଉପଲବ୍ଧି କରିପାରିବା ନାହିଁ । ଆମ ଆଚରଣରେ ମଧ୍ୟ ତାହା ପ୍ରତିଫଳିତ ହୋଇ ପାରିବ ନାହିଁ । ବାଇବଲରେ ଲେଖାଯାଏ, "... କିନ୍ତୁ ତା'ର ମନରେ ତୁମ ପାଇଁ ଚିନ୍ତା ନ ଥାଏ" (ହିତୋ. ୨୩:୭) । ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ଏହି ବିଷୟକୁ ଆପଣ ଜାବୁଡ଼ି ଧରି ନାହାଁନ୍ତି । ସେ ଆପଣଙ୍କୁ କେତେ ଭଲ ପାଆନ୍ତି, ଏହା ଉପଲବ୍ଧି କରିବା ଏକ ଶକ୍ତିଶାଳୀ ବିଷୟ ।

ଈଶ୍ୱରଙ୍କ ସହ ଆପଣ ଦୈନନ୍ଦିନ ଜୀବନ କାଟନ୍ତୁ, ଏହା ସେ ଚାହାଁନ୍ତି ଓ ତାହା ହିଁ ଆପଣଙ୍କୁ ପରିବର୍ତ୍ତିତ କରିଦେବ । ଆପଣ ଈଶ୍ୱରଙ୍କୁ ଯଦି ପ୍ରଥମ ସ୍ଥାନ ନ ଦେଉଛନ୍ତି, ତେବେ ତାଙ୍କୁ ଯେଉଁ ସ୍ଥାନରେ ବସାଇଛନ୍ତି, ସେଠାରୁ ସେ ଆପଣଙ୍କ ପାଇଁ ଯାହା କରିବାକୁ ଇଚ୍ଛା କରନ୍ତି, ତାହା କରି ପାରିବେ ନାହିଁ । ତାଙ୍କ ସହ ଏକାନ୍ତରେ ସମୟ କଟାଇବା ଆପଣଙ୍କ ଆବଶ୍ୟକ, ତାଙ୍କର ପ୍ରେମରେ ମଜ୍ଜି ଯିବା ଆବଶ୍ୟକ, ଏହା ହିଁ ଆପଣଙ୍କର ଆତ୍ମିକ ପୁରୁଷ ଉନ୍ନତ ଓ ଶକ୍ତିଯୁକ୍ତ ହେବାର ମାର୍ଗ ।

ଯେଉଁମାନେ ଅଳସ ପ୍ରକୃତିର, ସେମାନେ ଏହା ନିଜେ ଅଭ୍ୟାସ କରିବାକୁ ଇଚ୍ଛା କରନ୍ତି ନାହିଁ, ବରଂ ଅନ୍ୟ କେହି ତାଙ୍କ ପାଇଁ ଏହା ଅଭ୍ୟାସ କଲେ ସେମାନେ ଖୁସି ହୁଅନ୍ତି । କୌଣସି ପ୍ରକାରେ ବାହାନା କରିବା ନିଃଷ୍ଫଳ । ଯେଉଁମାନେ ମୋର ଏହି ବହି ପଢୁଛନ୍ତି, ଯେଉଁମାନେ ଈଶ୍ୱରଙ୍କ ସହଭାଗିତା ଲୋଡୁ ନାହାନ୍ତି, ମାତ୍ର ମୋର ଏହି ଲେଖା ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରୁଛି, ସେମାନଙ୍କର

ଏହି ମନୋଭାବର ପଛରେ ଶୟତାନ ଠିଆ ହୋଇ କହୁଛି, "ତୁମର ତ ଅନେକଗୁଡ଼ିଏ କାମ କରିବାର ଅଛି – ତୁମେ କିପରି ସମୟ ଦେଇପାରିବ?"

ଶୟତାନ କିପରି ଫାନ୍ଦରେ ପକାଏ, ତାହା ମୁଁ ଜାଣେ । ଗୋଟିକ ପରେ ଗୋଟିଏ ବାହାନା ବାଢ଼ିବାରେ ସେ ଓସ୍ତାଦ୍। ଈଶ୍ୱରଙ୍କ ବିଷୟକୁ ଗୁରୁତ୍ୱ ଦିଅନ୍ତୁ ଓ ତାଙ୍କୁ ଆତୁରେ ଡ଼ାକ ପକାନ୍ତୁ। ଈଶ୍ୱରଙ୍କ ବାକ୍ୟ ଓ ତାଙ୍କ ସହ ସହଭାଗିତା ଆପଣଙ୍କୁ ପରିବର୍ତ୍ତିତ କରିଦେବ । ସବୁ ବିଷୟ କରିବାକୁ ଈଶ୍ୱର ଆପଣଙ୍କୁ ସାମର୍ଥ୍ୟ ଦେଇଛନ୍ତି। ଫିଲିପ୍ପୀ ୪:୧୩ ରେ ପାଉଲ କହୁଛନ୍ତି, "ମୋର ଶକ୍ତିଦାତା ଖ୍ରୀଷ୍ଟଙ୍କ ସାହାଯ୍ୟରେ ମୁଁ ସବୁ କରିପାରେ ।" ଅନ୍ୟ ଅର୍ଥରେ, ସାରା ସୃଷ୍ଟିରେ ଏପରି କୌଣସି ବିଷୟ ନାହିଁ, ଯାହା ଆମେ ଖ୍ରୀଷ୍ଟ ଯୀଶୁଙ୍କ ସାହାଯ୍ୟରେ କରି ନ ପାରୁ ।

ଈଶ୍ୱର ଯେତେବେଳେ କୌଣସି ସମସ୍ୟା ଆପଣଙ୍କୁ ଦେଖାନ୍ତି, ତତ୍କ୍ଷଣାତ୍ ଶକ୍ତି ଓ ବିଜୟର ସହ ତାହାର ମୁକାବିଲା କରନ୍ତୁ । ଆପଣ ଈଶ୍ୱରଙ୍କ ପାଇଁ ଠିଆ ହୋଇ ତାଙ୍କ ପ୍ରେମ ଆହରଣ କରିବା ବେଳେ ସେହି ମିଥ୍ୟାବାଦୀ ଶୟତାନ ଆପଣଙ୍କୁ ନିରୁତ୍ସାହିତ କରିବା ପାଇଁ ନାନା ପ୍ରକାରର ନକାରାତ୍ମକ ବିଷୟ ଆପଣଙ୍କ ନିକଟରେ ଉପସ୍ଥାପନ କରେ, ମାତ୍ର ଆପଣ ବିଜୟ ଦର୍ପରେ ଆପଣଙ୍କ କାର୍ଯ୍ୟରେ ଲାଗିପଡ଼ନ୍ତୁ ।

ଅନ୍ତର ପୁରୁଷରେ ନୂତନ ସୃଷ୍ଟି ହେବାପରେ ଆପଣଙ୍କର କାର୍ଯ୍ୟକଳାପ ଭିନ୍ନ ହୋଇଯିବା ଯେପର୍ଯ୍ୟନ୍ତ ଆପଣ ନିଜ ନୂତନତ୍ୱକୁ ଗ୍ରହଣ କରି ସେହି ଅନୁଯାୟୀ କାର୍ଯ୍ୟ ଆରମ୍ଭ ନ କରିଛନ୍ତି, ଆପଣ ସେହି ପୁରାତନ ପ୍ରକୃତିରେ ହିଁ ରହିଥିବେ । ତେଣୁ ସାହସର ସହ କୁହନ୍ତୁ, "ଈଶ୍ୱରଙ୍କ ପ୍ରଶଂସା ହେଉ, ମୁଁ ବହୁମୂଲ୍ୟ । ମୁଁ ପବିତ୍ରା ଈଶ୍ୱର ମୋତେ ବାଛିଛନ୍ତି । ମେଷଶାବକଙ୍କ ରକ୍ତରେ ସେ ମୋତେ ଶୁଚି କରିଛନ୍ତି । ମୋର ଆଚରଣ ତାହା ହିଁ ପ୍ରକାଶ କରିବ । ମୋତେ କୋଳରେ ଉଠାଇ ନେବାକୁ ଓ ଆଗ ବଢ଼ିବା ପାଇଁ ସାହାଯ୍ୟ କରିବାକୁ, ଈଶ୍ୱର ସମର୍ଥ। ମୋର ସବୁ ଅଡୁଆ କାର୍ଯ୍ୟକୁ ସେ ସମ୍ଭାଳି ନିଅନ୍ତି ।"

ଆପଣ ଯଦି ଜାଣନ୍ତି, ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି, ତେବେ ଏପରି କୌଣସି ସମସ୍ୟା ନାହିଁ ଯାହା ଆପଣଙ୍କୁ ହରାଇ ପାରିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ ।

ଆପଣ ବିଜୟୀ ହେବାକୁ ଚାହଁନ୍ତି କି? ତେବେ ଏହି ପ୍ରଶ୍ନର ଉତ୍ତର ଦିଅନ୍ତୁ – ଏପରି କିଛି ବିଷୟ ଅଛି କି ଯାହା ଉପରେ ଆପଣ ବିଜୟ ଲାଭ କରିବାକୁ ଚାହାଁନ୍ତି? ଏହା ହିଁ ଆପଣଙ୍କର ବୃଦ୍ଧି ପାଇବାର ଏକମାତ୍ର ପଥ । ଯଦି ଆପଣଙ୍କର କିଛି ସମସ୍ୟା ନାହିଁ ଓ ଏପରି କୌଣସି ବିଷୟ ନାହିଁ, ଯାହା ଉପରେ ଆପଣ ବିଜୟ ହାସଲ କରିବାକୁ ଚାହାଁନ୍ତି, ତାହାହେଲେ ଆପଣ କେଉଁଥିରେ ଆପଣଙ୍କର ବିଶ୍ୱାସକୁ ଲଗାଇବେ?

ଆପଣଙ୍କ ସମ୍ମୁଖକୁ ଆସୁଥିବା ସମସ୍ୟାକୁ ଆପଣଙ୍କର ବୃଦ୍ଧିଲାଭ କରିବାର ଏକ ଉପାୟ ରୂପେ ଗ୍ରହଣ କରନ୍ତୁ । ଈଶ୍ୱର ଯେହେତୁ ଆପଣଙ୍କୁ ପ୍ରେମ କରନ୍ତି, ସେଥିଲାଗି ସେ କିପରି ଆପଣଙ୍କୁ ଉଦ୍ଧାର କରିବେ, ତାହା ଦେଖନ୍ତୁ । ଆପଣ ଯଦି ଈଶ୍ୱରଙ୍କ ଉପରେ ଆଉଜି ପଡ଼ନ୍ତି ଓ ତାଙ୍କ ପ୍ରେମରେ ସୁସ୍ଥିର ରୁହନ୍ତି, ତେବେ ସବୁ ପ୍ରକାରର ଚେଷ୍ଟା କରିବା ବିଷୟ ଭୁଲି ଯାଇ ବିଶ୍ୱାସରେ ତାଙ୍କ ବିଶ୍ରାମ ମଧ୍ୟରେ ପ୍ରବେଶ କରିବେ।

ଈଶ୍ୱରଙ୍କ ପ୍ରେମରେ ମଜ୍ଜି ଯାଆନ୍ତୁ, ତାହାହେଲେ ପ୍ରତିକୂଳ ପରିସ୍ଥିତି ଆପଣଙ୍କୁ ବିଚଳିତ କରିପାରିବ ନାହିଁ । ମୁଁ ଯେତେବେଳେ ପବିତ୍ର ଆତ୍ମାରେ ବାପ୍ତିଜିତ ହେଲି, ପ୍ରଥମ ତିନି ସପ୍ତାହ ମୁଁ ଈଶ୍ୱରଙ୍କ ପ୍ରେମରେ ମଜ୍ଜି ରହିଲି । ମୋତେ ଦେଖି ଅନ୍ୟମାନେ କହିଲେ, "ଜୟେସ୍, ତୁମର କଣ ହୋଇଛି ? ତୁମେ ଭିନ୍ନ ଦେଖାଯାଉଛ।" ଏହି ଲୋକମାନେ ତୃତୀୟ ସପ୍ତାହରେ ଆସି ସେହି ସମାନ କଥା ହିଁ କହିଲେ ।

ମୋର ପରିବର୍ତ୍ତନ ହୋଇଛି ବୋଲି ମୋତେ କିଛି କହିବା ଦରକାର ପଡ଼ିଲା ନାହିଁ। ଅନ୍ୟମାନେ ମୋର ପରିବର୍ତ୍ତନ ଦେଖିଲେ। ଆପଣ ଈଶ୍ୱରଙ୍କ ପ୍ରେମରେ

ସୁସ୍ଥିର ଥିଲେ, ଆପଣଙ୍କ ମୁହଁରେ ହସ ଲାଗି ରହିଥିବ । ଆପଣଙ୍କର ସୌନ୍ଦର୍ଯ୍ୟ ବଢ଼ିଯିବ, ଆପଣଙ୍କର ଶକ୍ତି ସାମର୍ଥ୍ୟ ବୃଦ୍ଧି ପାଇବ। ପବିତ୍ର ଆତ୍ମାଙ୍କ ଦ୍ୱାରା ସର୍ବଦା ଆପଣ ଏପରି ଶକ୍ତିଯୁକ୍ତ ହୋଇଯିବେ ଯେ, ଆପଣ ଲୋକମାନଙ୍କ ସେବା କରିବାରେ ଲାଗିପଡ଼ିବେ ଓ ଆପଣଙ୍କର ପ୍ରତ୍ୟେକ ଅଭାବ ମୋଚନ ହେବ।

ନିଜକୁ ଏହି କଥା ଥରକୁ ଥର କୁହନ୍ତୁ, – "ଈଶ୍ୱର ମୋତେ ପ୍ରେମ କରନ୍ତି, ମୁଁ ତାଙ୍କ ନିକଟରେ ବହୁମୂଲ୍ୟ, ହାଲେଲୁ୍ୟୟା ।" ବିଶ୍ୱାସରେ ଏକ ବୃହତ୍ ପଦକ୍ଷେପ ନେଇ ବିଶ୍ୱାସରେ ଆଗେଇ ଯାଅନ୍ତୁ ।

ଈଶ୍ୱର ପ୍ରକୃତରେ ଆପଣଙ୍କୁ ପ୍ରେମ କରନ୍ତି !

# ଏକ ନୂତନ ଜୀବନ ଅନୁଭବ କରନ୍ତୁ

ଯୀଶୁଙ୍କୁ ଆପଣଙ୍କ ଅନ୍ତରକୁ ଆସିବାକୁ ଯଦି କେବେ ନିମନ୍ତ୍ରଣ କରି ନାହାଁନ୍ତି, ତେବେ ମୁଁ ଆପଣଙ୍କୁ ନିମନ୍ତ୍ରଣ କରୁଛି, ଆଜି ତାଙ୍କୁ ଅନ୍ତରରେ ଗ୍ରହଣ କରନ୍ତୁ । ଆପଣ ଯଦି ପ୍ରକୃତରେ ଏହା କରିବାକୁ ଚାହାଁନ୍ତି, ତେବେ ଏହି ପ୍ରାର୍ଥନା କରନ୍ତୁ ଓ ଖ୍ରୀଷ୍ଟଙ୍କଠାରେ ଏକ ନୂତନ ଜୀବନର ଅନୁଭୂତି ପାଆନ୍ତୁ –

> ପିତା ଈଶ୍ୱର, ଯୀଶୁ ଖ୍ରୀଷ୍ଟ ଯେ ତୁମର ପୁତ୍ର ଓ ଏହି ଜଗତର ଉଦ୍ଧାରକର୍ତ୍ତା, ଏହା ମୁଁ ବିଶ୍ୱାସ କରୁଛି । ସେ କ୍ରୁଶ ଉପରେ ମୋ ନିମନ୍ତେ ହତ ହେଲେ ଓ ମୋର ସବୁ ପାପ ବହନ କଲେ, ଏହା ମୁଁ ବିଶ୍ୱାସ କରୁଛି । ସେ ନର୍କକୁ ଯାଇ ମୃତ୍ୟୁ ଉପରେ ଓ କବର ଉପରେ ବିଜୟ ହାସଲ କଲେ । ଯୀଶୁ ପୁନରୁତ୍ଥିତ ହୋଇ ତୁମର ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ବୋଲି ମୁଁ ବିଶ୍ୱାସ କରେ । ଯୀଶୁ, ମୁଁ ତୁମକୁ ଚାହେଁ । ମୋର ପାପ କ୍ଷମା କର, ମୋତେ ଉଦ୍ଧାର କର, ମୋର ଅନ୍ତର ମଧ୍ୟରେ ବାସ କରିବାକୁ ଆସ । ମୁଁ ପୁନର୍ଜନ୍ମ ପାଇବାକୁ ଇଚ୍ଛା କରେ ।

ଯୀଶୁ ଆପଣଙ୍କ ଅନ୍ତରରେ ବାସ କରୁଛନ୍ତି ବୋଲି ବିଶ୍ୱାସ କରନ୍ତୁ । ଆପଣଙ୍କର ପାପ କ୍ଷମା ହୋଇଛି, ଆପଣ ଧାର୍ମିକ ଗଣ୍ୟ ହୋଇଛନ୍ତି ଏବଂ ଆପଣ ସ୍ୱର୍ଗକୁ ଯିବେ ।

ଗୋଟିଏ ଭଲ ଗୀର୍ଜା ବା ମଣ୍ଡଳୀ, ଯେଉଁଠାରେ ଈଶ୍ୱରଙ୍କ ବାକ୍ୟର ବ୍ୟାଖ୍ୟା ହୁଏ, ସେଠାରେ ସାମିଲ୍ ହୁଅନ୍ତୁ ଓ ଖ୍ରୀଷ୍ଟରେ ବୃଦ୍ଧି ପାଆନ୍ତୁ । ଈଶ୍ୱରଙ୍କ ବାକ୍ୟ

ବିନା ଆପଣଙ୍କ ଜୀବନର ପରିବର୍ତ୍ତନ ଅସମ୍ଭବ । ଯୋହନ ୮:୩୧,୩୨ କହେ, "ତୁମ୍ଭେମାନେ ଯଦି ମୋର ଶିକ୍ଷାରେ ଅଟଳ ରୁହ, ତେବେ ତୁମ୍ଭେମାନେ ମୋର ପ୍ରକୃତ ଶିଷ୍ୟ । ତାହାହେଲେ ତୁମ୍ଭେମାନେ ସତ୍ୟ ଜାଣିବ ଓ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତି ଦେବ ।"

ମୁଁ ଆପଣଙ୍କୁ ଉଦ୍‌ବୋଧନ ଦେଇ କହୁଛି, ଈଶ୍ୱରଙ୍କ ବାକ୍ୟକୁ ଜାବୁଡ଼ି ଧରନ୍ତୁ, ଆପଣଙ୍କ ହୃଦୟରେ ତାହା ରୋପଣ କରନ୍ତୁ ଓ ୧ କରିନ୍ଥୀ ୩:୧୮ ଅନୁଯାୟୀ ଆପଣ ଯେତେ ତାଙ୍କ ବାକ୍ୟକୁ ନିରୀକ୍ଷଣ କରିବେ, ସେତେ ଯୀଶୁ ଖ୍ରୀଷ୍ଟଙ୍କର ସାଦୃଶ୍ୟରେ ରୂପାନ୍ତରିତ ହେବେ ।

ପ୍ରେମ ସହ

**ଜୟେସ୍**

# ଲେଖିକାଙ୍କ ବିଷୟରେ ପଦେ

୧୯୭୬ ସାଲରୁ ଜୟେସ୍ ମେୟର ବାଇବଲ ଶିକ୍ଷାଦାନରେ ଲାଗିଛନ୍ତି ଓ ୧୯୮୦ ମସିହାରୁ ପ୍ରଭୁଙ୍କ ନିମନ୍ତେ କାର୍ଯ୍ୟ କରିବାକୁ ସେ ନିଜକୁ ସଂପୂର୍ଣ୍ଣ ନିୟୋଜିତ କରିଛନ୍ତି। ପ୍ରାୟ ୫୪ଟି ଆଧାତ୍ମିକ ପ୍ରେରଣା ଯୋଗାଇବା ପୁସ୍ତକର ସେ ଲେଖିକା, ସେଥିମଧ୍ୟରୁ "ଅସାଧାରଣ ଜୀବନ ଯାପନର ଗୁପ୍ତ ରହସ୍ୟ, ବିଶ୍ୱାସଯୁକ୍ତ ପ୍ରାର୍ଥନାର ଆନନ୍ଦ, ଏବଂ ମନର ଯୁଦ୍ଧ କ୍ଷେତ୍ର" ଅନ୍ୟତମ। ଆହୁରି ମଧ୍ୟ ୨୨୦ଟି ଅଡ଼ିଓ କ୍ୟାସେଟ୍ ଓ ୯୦ରୁ ଅଧିକ ଭିଡ଼ିଓ ମଧ୍ୟ ତାଙ୍କର ଅବଦାନ। ରେଡ଼ିଓ ଓ ଦୁରଦର୍ଶନ ମାଧ୍ୟମରେ ଜୟେସ୍‌ଙ୍କର "ଜୀବନ୍ତ ବାକ୍ୟ" କାର୍ଯ୍ୟକ୍ରମ ସାରା ପୃଥିବୀରେ ପ୍ରଚାରିତ ହେଉଛି । "ଜୀବନ୍ତ ବାକ୍ୟ" କନ୍‌ଫରେନ୍ସଗୁଡ଼ିକରେ ବାକ୍ୟର ସହଭାଗୀ ହେବା ନିମନ୍ତେ ସେ ଅନେକ ଦେଶ ପରିଭ୍ରମଣ କରିଥାନ୍ତି। ଜୟେସ୍ ଓ ତାଙ୍କ ସ୍ୱାମୀ ଡେଭ୍ ଚାରୋଟି ସନ୍ତାନର ପିତାମାତା ଏବଂ ତାଙ୍କ ଘର ମିଶୋରିର ସେଣ୍ଟ୍ ଲୁଇସ୍‌ରେ ।



## ଆପଣଙ୍କ ନିମନ୍ତେ ଈଶ୍ୱରଙ୍କ ଦାନ ଆବିଷ୍କାର କରନ୍ତୁ: ନିଃସର୍ତ୍ତ ପ୍ରେମ !

ଈଶ୍ୱରଙ୍କ ଶକ୍ତି ଓ ପ୍ରେମର ପ୍ରତ୍ୟେକ ବିନ୍ଦୁ ଆଜି ହିଁ ଆପଣଙ୍କ ପାଇଁ ଉପଲବ୍ଧ ! ମନେରଖନ୍ତୁ, ଜନତା ମଧ୍ୟରୁ ଆପଣ ଜଣେ ବ୍ୟକ୍ତି ନୁହଁନ୍ତି, ମାତ୍ର ଈଶ୍ୱରଙ୍କ ନିକଟରେ ସାରା ଜଗତ ମଧ୍ୟରେ ଆପଣ ଏକମାତ୍ର ବ୍ୟକ୍ତି ଥିଲେ ମଧ୍ୟ ସେ ଆପଣଙ୍କୁ ପ୍ରେମ କରିଥାଆନ୍ତେ । ସମସ୍ୟା ହେଉଛି, ଅଧିକାଂଶ ଲୋକଙ୍କ ପରି ଆପଣ ମଧ୍ୟ ଏ ବିଷୟ ବୁଝିପାରିନାହାଁନ୍ତି, କିମ୍ବା ଆପଣ ହୁଏତ ମସ୍ତିଷ୍କରେ ବୁଝୁଛନ୍ତି, କିନ୍ତୁ ହୃଦୟରେ ଅନୁଭବ କରିପାରି ନାହାଁନ୍ତି । ବର୍ତ୍ତମାନ ଆପଣଙ୍କ ପାଇଁ ଏହା ସମ୍ଭବପର । ନିମ୍ନଲିଖିତ ପ୍ରେରଣାତ୍ମକ ବହିଗୁଡ଼ିକର ଶକ୍ତିଯୁକ୍ତ ସମ୍ବାଦ ଆପଣଙ୍କ ନିକଟରେ ଗୁପ୍ତରହସ୍ୟ ଉନ୍ମୋଚନ କରିବ ।

- ଆପଣଙ୍କ ମଧ୍ୟରେ ଥିବା ଈଶ୍ୱରଙ୍କ ପ୍ରେମକୁ କିପରି ଚିହ୍ନିବେ
- ଈଶ୍ୱରଙ୍କ ନିମନ୍ତେ ଆପଣ ଉପଯୋଗୀ କି ନୁହଁନ୍ତି, ମନରୁ ଏହି ସନ୍ଦେହ କିପରି ଦୂର କରିବେ
- ଜୀବନର କଷ୍ଟକର ପରିସ୍ଥିତି ମଧ୍ୟରେ କିପରି ଈଶ୍ୱରଙ୍କ ସତ୍ତା ଅନୁଭବ କରିବେ
- ଈଶ୍ୱରଙ୍କ ପ୍ରେମର ଅଫୁରନ୍ତ ପରିପ୍ରକାଶ କିପରି ଅନୁଭବ କରିବେ
- ଈଶ୍ୱରଙ୍କ ପ୍ରେମ କିପରି ଆପଣଙ୍କୁ ସବୁଦିନ ପାଇଁ ବଦଳାଇଦେବ

ଜୟେସ୍ ମେୟର ତାଙ୍କର ବ୍ୟକ୍ତିଗତ ଅନୁଭୂତିରୁ, ଶାସ୍ତ୍ରରୁ ଓ ଅନ୍ୟାନ୍ୟ ଜ୍ଞାନପୂର୍ଣ୍ଣ ବାକ୍ୟରୁ ତାଙ୍କ ଜୀବନ କିପରି ରୂପାନ୍ତରିତ ହେଲା, ତାହା ଏହି ପୁସ୍ତକଗୁଡ଼ିକରେ ପ୍ରକାଶ କରିଛନ୍ତି । ଏହାଦ୍ୱାରା ଈଶ୍ୱରଙ୍କ ପ୍ରେମର ଝରକା ଖୋଲିଯାଇ ତାଙ୍କର ଆଲୋକ ଆପଣଙ୍କର ବ୍ୟକ୍ତିଗତ ଜୀବନକୁ ଆଲୋକିତ କରିବ !

JOYCE MEYER
MINISTRIES
Nanakramguda, Hyderabad - 500 008